


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






# ନୋଏଡା ବିମାନବନ୍ଦର ହେବ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର




ନୂଆଦିଲ୍ଲୀ,୯/୧୦: ଉତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଜେୱାରରେ ନିର୍ମାଣ ହୋଇଥିବା ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପର୍କରେ ଏକ ବଡ଼ ନିଷ୍ପତି ନେଇଛନ୍ତି। ଯୋଗୀ ସରକାର ନିଷ୍ପତି ନେଇଛନ୍ତି ଯେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମରେ ନାମିତ କରାଯିବ। ଏହା ଏବେ "ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର" ଭାବରେ ଜଣାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖରେ ବିମାନବନ୍ଦରର ଉଦଘାଟନ କରିଥିଲେ। ପ୍ରଥମ ବିମାନ ଜୁନ ୧୫ ତାରିଖରେ ଲକ୍ଷ୍ନୌରୁ ଇଣ୍ଡିଗୋ ବିମାନ ସହିତ ଏଠାରେ ଅବତରଣ କରିଥିଲା। ଗଣମାଧ୍ୟମକୁ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ୟୁପି କ୍ୟାବିନେଟ ବିମାନବନ୍ଦର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞ। ସେ ଏହି ବିମାନବନ୍ଦରକୁ ଉତ୍ତର ପ୍ରଦେଶ ପାଇଁ ଏକ ପ୍ରମୁଖ ଉପହାର ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, "ଉତ୍ତର ପ୍ରଦେଶ କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜେୱାରରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ରାଜ୍ୟକୁ ଉପହାର ଦେବା ପାଇଁ କୃତଜ୍ଞତା ଜଣାଉଛି। ଏହାକୁ 'ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର, ନୋଏଡା-ଜେୱାର' ନାମିତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।" ସେ କହିଛନ୍ତି ଯେ ଏହି ବିମାନବନ୍ଦର ଉତ୍ତର ପ୍ରଦେଶର ସର୍ବବୃହତ ବିମାନବନ୍ଦର ଏବଂ ଦେଶର ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ହେବାକୁ ଯାଉଛି। ଏହି ବିମାନବନ୍ଦରଟି ସ୍ୱିସ୍ କମ୍ପାନୀ ଜୁରିଚ୍ ବିମାନବନ୍ଦର ଇଂଟରନ୍ୟାସନାଲ୍ ଏଜିର ଏକ ସହାୟକ କମ୍ପାନୀ ଯମୁନା ଇଂଟରନ୍ୟାସନାଲ୍ ଏୟାରପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନୋଏଡା ଇଂଟରନ୍ୟାସନାଲ୍ ଏୟାରପୋର୍ଟ ଲିମିଟେଡ୍ ସହିତ ସହଯୋଗରେ ନିର୍ମିତ ହୋଇଥିଲା। ଏହି ବିମାନବନ୍ଦର ୧୧,୨୮୨ କୋଟି ଟଙ୍କା ବ୍ୟୟରେ ନିର୍ମିତ। ଏଥିରେ ବଡ଼ ବିମାନ ପରିଚାଳନା କରିବାକୁ ସକ୍ଷମ ୩,୯୦୦ ମିଟର ଲମ୍ବା ରନୱେ ଅଛି। ଏଥିରେ ଆଧୁନିକ ନାଭିଗେସନ୍ ସିଷ୍ଟମ ମଧ୍ୟ ରହିଛି।

## ଦେଶର ପ୍ରତ୍ୟେକ ଜିଲ୍ଲାରେ ୫ଜି ସେବା ପହଂଚିଛି: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୯/୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଗୁରୁବାର କହିଛନ୍ତି ଯେ, ଭାରତରେ ୫ଜି ନେଟୱାର୍କ ଦେଶର ପ୍ରତ୍ୟେକ ଜିଲ୍ଲାରେ ପହଂଚିଛି। ସେ ସୂଚନା ଦେଇଥିଲେ ଯେ, ଦେଶରେ ୫.୫ ଲକ୍ଷରୁ ଅଧିକ ୫ଜି ବେସ୍ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୨ ତୁଳନାରେ ମୋବାଇଲ୍ ଇଂଟରନେଟ୍‌ର ବେଗ ୧୦ ଗୁଣ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀର ଯଶୋଭୂମି ଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇ.ଏମ୍.ସି.) ୨୦୨୬ର ୧୦ମ ବାର୍ଷିକୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣରେ ଏହା କହିଛନ୍ତି।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ୧୩ରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୯/୧୦(ନି/ପ୍ର): ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଥାଇଲ୍ୟାଣ୍ଡ ଉପସାଗର ଓ ଏହାର ଆଖପାଖ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ। ସୂଚନା ଅନୁଯାୟୀ, ଆସନ୍ତା ୧୧ ତାରିଖ ବେଳକୁ ଏହି ଘୂର୍ଣ୍ଣିବଳୟ ଆଣ୍ଡାମାନ ସାଗର ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ଗଠନ ହୋଇପାରେ।

# ଶ୍ରମିକଙ୍କୁ ପୂଜା ଭେଟି, ବଢ଼ିଲା ସବୁ ବର୍ଗ ଶ୍ରମିକଙ୍କ ଦୈନିକ ମଜୁରି



ଭୁବନେଶ୍ୱର,୯/୧୦(ନି/ପ୍ର):ପୂଜା ପୂର୍ବରୁ ରାଜ୍ୟ ସରକାର ଶ୍ରମିକଙ୍କୁ ଖୁସି ଖବର ଦେଇଛନ୍ତି। ଦୈନିକ ଭତା ବା ମଜୁରୀ ୬ ଟଙ୍କା ବୃଦ୍ଧି କରିଛନ୍ତି। ଏନେଇ ଶ୍ରମ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଣକୁଶଳୀ ଶ୍ରମିକ ୪୭୮ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକ ୫୨୮ ଟଙ୍କା, କୁଶଳୀ ଶ୍ରମିକ ୫୭୮ ଟଙ୍କା ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ପାଇଁ ୬୨୮ ଟଙ୍କାରେ ପହଚିଂଛି। ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସୂଚନା ଅନୁସାରେ ଚଳିତ ମାସ ୧ରୁ କର୍ମଚାରୀଙ୍କ ମହଙ୍ଗା ଭତତାରେ ୬ ଟଙ୍କାର ବୃଦ୍ଧି କରାଯାଇଛି। ତାହାର ପ୍ରଭାବରେ ଅଣ କୁଶଳୀ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରି ୪୭୨ ଟଙ୍କାରୁ ବୃଦ୍ଧି ପାଇ ୪୭୮ ଟଙ୍କା ହୋଇଛି। ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୫୨୨ ଟଙ୍କାରୁ ବଢ଼ି ୫୨୭ଟଙ୍କା ହୋଇଛି। କୁଶଳୀ ଶ୍ରମିକଙ୍କ ମଜୁରି ୫୭୨ ଟଙ୍କାରୁ ବୃଦ୍ଧି ପାଇ ୫୭୮ ଟଙ୍କା ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରି ୬୨୨ ଟଙ୍କାରୁ ବଢ଼ି ୬୨୮ ଟଙ୍କା ହୋଇଛି। ପ୍ରତିବର୍ଷ ଏପ୍ରିଲ ୧ ଓ ଅକ୍ଟୋବର ୧ରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରିରେ ସଂଶୋଧନ କରାଯାଇଥାଏ। ଶିଳ୍ପ ଶ୍ରମିକମାନଙ୍କ ପାଇଁ ଜାରି ହେଉଥିବା ସର୍ବଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କକୁ ସେଥିପାଇଁ ବିଚାରକୁ ନିଆଯାଇଥାଏ। ସେହି ସୂଚକାଙ୍କ ସଂଖ୍ୟା ହାରାହାରି ୧୪୭.୫୦ରୁ ବୃଦ୍ଧି ପାଇ ୧୪୯.୮୦ରେ ପହଚିଂଛି। ସେଥିପାଇଁ ଅକ୍ଟୋବର ୧ରୁ ଆରମ୍ଭ ହେଉଥିବା ବର୍ଷର ଦ୍ୱିତୀୟ ଭାଗ ପାଇଁ ମହଙ୍ଗା ଭତାରେ ପରିବର୍ତନ ଆବଶ୍ୟକ ହେଉଥିଲା। ସେହି ଅନୁସାରେ ଶ୍ରମ ଆୟୁକ୍ତଙ୍କ ସମ୍ମତି ଆଧାରରେ ମହଙ୍ଗା ଭତାରେ ବୃଦ୍ଧି କରାଯାଇଛି।

## ଛତିଶଗଡ଼ର ସୁକମାରେ ବିସ୍ଫୋରକ ନଷ୍ଟ ବେଳେ ୪ ସିଆରପିଏଫ ଯବାନ ଆହତ, ୨ ଗୁରୁତର



ସୁକମା,୯/୧୦: ଗୁରୁବାର ସନ୍ଧ୍ୟାରେ ଛତିଶଗଡ଼ର ସୁକମା ଜିଲ୍ଲାରେ ଅବ୍ୟବହୃତ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷିତ ଭାବେ ନଷ୍ଟ କରାଯାଉଥିବା ସମୟରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୪ ଜଣ ସେଟ୍ରାଂଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ) ଯବାନ ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭେଜି ପୁଲିସ ଷ୍ଟେସନ ପରିସରଭୁକ୍ତ ଏଲାରମାଡଗୁ ସୁରକ୍ଷା କ୍ୟାମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। କୋଟାଂ ରେଞ୍ଜ ଅଧୀନରେ ଥିବା ଏହି ସୁରକ୍ଷା କ୍ୟାମ୍ପଗୁଡ଼ିକୁ ଯାଚଂ କରିବା ଏବଂ ପୁରୁଣା ବିସ୍ଫୋରକ ନଷ୍ଟ କରିବା ପାଇଁ ଜଗଦଲପୁରରୁ ସିଆରପିଏଫର ୫୦ତମ ବାଟାଲିୟନର ଏକ ଅମ୍ୟୁନିସନ ଟେକ୍ନିକାଲ ଟିମ୍ (ଏସିଟି) ଆସିଥିଲା। ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ ଅନୁସରଣ କରି କ୍ୟାମ୍ପଠାରୁ ପ୍ରାୟ ୨୦୦ ମିଟର ଦୂର ବୋଡରାଜପଦର ନାଳ ନିକଟରେ ଏହି କାର୍ଯ୍ୟ ଚାଲିଥିବା ବେଳେ ହଠାତ ଏକ ବିସ୍ଫୋରକର ଖଣ୍ଡ ଛିଟିକି ପଡ଼ି ନିକଟରେ ବିସ୍ଫୋରଣ ଘଟିଥିଲା। ଏହି ସୁରକ୍ଷା ଅପରେସନରେ ନିୟୋଜିତ ଥିବା ସିଆରପିଏଫ ୫୦ତମ ବାଟାଲିୟନର ଆସିଷ୍ଟାଂ ସବ-ଇନ୍ସପେକ୍ଟର ଏମ କେ ତିୱାରୀ, ଆସିଷ୍ଟାଟସ ସବ-ଇନ୍ସପେକ୍ଟର ଅନିସ ଖାନ, ଇନ୍ସପେକ୍ଟର ଅମରନାଥ ମିଶ୍ର ଏବଂ ହେଡ କନଷ୍ଟେବଲ କୁଳଦୀପ ରାଜ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଏଏସଆଇ ଗୁରୁତର ଭାବେ ଆହତ ହୋଇଥିବା ପୁଲିସ ଅଫିସର ସୂଚନା ଦେଇଛନ୍ତି। ଆହତ ଯବାନମାନଙ୍କୁ ଘଟଣାସ୍ଥଳରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ କୋଟାଂସ୍ଥିତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ଦୁଇ ଯବାନଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ଅନ୍ୟ ଏକ ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଉଛି।

# ତେଲ ବଜାରରେ ମହାସଙ୍କଟ ! ୨୦୦ ଡଲାର ଛୁଇଁପାରେ କ୍ରୁଡ୍

## ଭାରତରେ ବଢ଼ିବ ପେଟ୍ରୋଲ-ଡିଜେଲ୍ ଦର



ନୂଆଦିଲ୍ଲୀ,୯।୧୦: ହୋର୍ମୁଜରେ ଯୁଦ୍ଧ ଆଶଙ୍କା, ତେଲ ଦରରେ ନିଆଁ। ପଶ୍ଚିମ ଏସିଆରୁ ଜାରି ରହିଥିବା ତେଲ ଯୋଗାଣରେ ଯଦି ଆହୁରି ବାଧା ସୃଷ୍ଟି ହୁଏ, ତେବେ କ୍ରୁଡ୍ ଅଏଲର ଦର ବ୍ୟାରେଲପିଛା ୨୦୦ ଡଲାରକୁ ଖୁବ୍‌ଶୀଘ୍ର ଛୁଇଁପାରେ ବୋଲି 'ଭିଟୋଲ୍' କମ୍ପାନୀର ସିଇଓ ରସେଲ୍ ହାର୍ଡି ଚେତାବନୀ ଦେଇଛନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକର ତେଲ ଭଣ୍ଡାରରେ ଉପଲବ୍ଧ ସୁରକ୍ଷା କ୍ଷମତା କମିଯିବା ଏବଂ ହୋର୍ମୁଜ ପ୍ରଣାଳୀ ଆଖପାଖରେ ତେଲ ଟ୍ୟାଙ୍କରଗୁଡ଼ିକ ଉପରେ ବଢୁଥିବା ଆକ୍ରମଣ ଏହି ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଗୁରୁବାର ଦିନ ବ୍ରେଂଟ କ୍ରୁଡ୍ ୪.୧% ବୃଦ୍ଧି ପାଇ ବ୍ୟାରେଲପିଛା ୧୦୪.୨୮ ଡଲାରରେ ବନ୍ଦ ହୋଇଥିଲା। ବିଶ୍ୱର ସବୁଠାରୁ ବଡ଼ ସ୍ୱାଧୀନ ତେଲ ଟ୍ରେଡିଂ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଭିଟୋଲ୍ ଗ୍ରୁପ୍'ର ସିଇଓ ରସେଲ୍ ହାର୍ଡି ଲଣ୍ଡନରେ ଅନୁଷ୍ଠିତ ଏନର୍ଜି ଇଂଟେଲିଜେନ୍ସ ଫୋରମରେ ତେଲ ବଜାରର ଏହି ବିପଦ ସମ୍ପର୍କରେ ଆଲୋଚନା କରିଛନ୍ତି। ହାର୍ଡିଙ୍କ କହିବାନୁଯାୟୀ, ପାଶ୍ଚାତ୍ୟ ଦେଶଗୁଡ଼ିକରେ ବ୍ୟବହାର ପାଇଁ ମହଜୁଦ ତେଲ ଭଣ୍ଡାର ବହୁତ କମ୍ ରହିଛି। ଏପରି ସ୍ଥିତିରେ ମଧ୍ୟପ୍ରାଚ୍ୟରୁ ନିରବଚ୍ଛିନ୍ନ ଭାବେ ତେଲ ଯୋଗାଣ ଜାରି ରହିବା ଅତ୍ୟନ୍ତ ଜରୁରୀ। ତେବେ ଏହା ଏକ ସମ୍ଭାବ୍ୟ ବିପଦର ଆକଳନ, ନିଶ୍ଚିତ ପୂର୍ବାନୁମାନ ନୁହେଁ। ମଧ୍ୟପ୍ରାଚ୍ୟରୁ ତେଲ ଯୋଗାଣ ଜାଗରୂକ ରଖିବାରେ 'ସିପ୍-ଟୁ-ସିପ୍' ସ୍ଥାନାନ୍ତର ପ୍ରକ୍ରିୟା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ବ୍ୟବସ୍ଥାରେ ଛୋଟ ଟ୍ୟାଙ୍କରଗୁଡ଼ିକ ହୋର୍ମୁଜ ପ୍ରଣାଳୀରୁ ତେଲ ନେଇ ଓମାନ ସାଗରରେ ବଡ଼ ଟ୍ୟାଙ୍କରକୁ ସ୍ଥାନାନ୍ତର କରୁଛନ୍ତି। ହାର୍ଡିଙ୍କ ଅନୁଯାୟୀ, ଗତ ୭-୧୦ ଦିନ ଭିତରେ ମଧ୍ୟପ୍ରାଚ୍ୟରୁ ପ୍ରତିଦିନ ପ୍ରାୟ ୧୪ ନିୟୁତ ବ୍ୟାରେଲ କ୍ରୁଡ୍ ଓ ପେଟ୍ରୋଲିୟମ ଉତ୍ପାଦ ବାହାରକୁ ପଠାଯାଇଛି। ତେଲ ବଜାରର ସବୁଠାରୁ ବଡ଼ ଚିନ୍ତା ହେଉଛି ହୋର୍ମୁଜ ପ୍ରଣାଳୀ ଆଖପାଖରେ ଜାହାଜଗୁଡ଼ିକର ସୁରକ୍ଷା ଏହି ରାସ୍ତା ଦେଇ ଯାଉଥିବା ଟ୍ୟାଙ୍କରଗୁଡ଼ିକ ଉପରେ ଆକ୍ରମଣ ଏବଂ ଧମକ ଯୋଗୁଁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରିପୋର୍ଟ ମୁତାବକ, ଏହି ପ୍ରଣାଳୀରୁ କ୍ରୁଡ୍ ଅଏଲର ପ୍ରବାହ ପୂର୍ବ ଅପେକ୍ଷା ୨୭% ହ୍ରାସ ପାଇ ପ୍ରତିଦିନ ସର୍ବନିମ୍ନ ୧୦.୧ ନିୟୁତ ବ୍ୟାରେଲକୁ ଖସିଆସିଛି। ତେଲ ଯୋଗାଣରେ ଦୀର୍ଘକାଳୀନ ବାଧା ଉପୁଜିଲେ କଚାଂ ତେଲ ସହିତ ଡିଜେଲ, ଜେଟ୍ ଫୁଏଲ୍ ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦର ଦର ମଧ୍ୟ ଆକାଶଛୁଆଁ ହୋଇଯିବ। ଋଷର ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବା ଏବଂ ମଧ୍ୟପ୍ରାଚ୍ୟରେ ପରିଶୋଧନ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଏହି ଅଭାବ ଶୀତଦିନ ଯାଏଁ ଜାରି ରହିପାରେ। ଭାରତ ପୂର୍ବରୁ ହିଁ ବ୍ରେଂଟ ମୂଲ୍ୟଠାରୁ ଅଧିକ ଦରରେ କ୍ରୁଡ୍ କିଣୁଛି।

## ଭାରତୀୟ ବଂଶୋଦ୍ଭବ ନବନେତମଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର



ନୂଆଦିଲ୍ଲୀ,୯/୧୦:ଭାରତୀୟ ବଂଶୋଦ୍ଭବ ନବନେତମ ପିଲାଇଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର। ଅନ୍ତର୍ଜାତୀୟ ଆଇନକୁ ପ୍ରମୋଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ନୋବେଲ୍ ଶାନ୍ତି ସମ୍ମାନରେ ସମ୍ମାନିତ ହେବେ ନବନେତମ ପିଲ୍ଲାଇ। ମାନବାଧିକାର ସୁରକ୍ଷା ଏବଂ ନ୍ୟାୟ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଅଲିଭା ଛାପ ଛାଡିଥିବା ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକାର ଆଇନଜ୍ଞ ନବନେତମ୍ 'ନଭି' ପିଲ୍ଲାଇଙ୍କୁ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ନୋବେଲ୍ କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ହାତ ପୁଣି ଖାଲି ହୋଇପଡ଼ିଛି ଏବଂ ଚଳିତ ବର୍ଷ ମଧ୍ୟ ସେ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇନାହାନ୍ତି। ଏକାଧିକ ଦେଶର ଶାନ୍ତି ଫେରାଇ ଆଣିଥିବା ଦାବି କରିଆସୁଥିବା ଆମେରିକା ରାଷ୍ଟ୍ରପତିଙ୍କୁ ବଡ଼ ଝଟକା ଲାଗିଛି। ସେ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବା କହି ଆସୁଥିଲେ। ତାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ମିଳିବ ବୋଲି ଦାବି କରୁଥିଲେ। କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡିଛି। ଟ୍ରମ୍ପଙ୍କ ନୋବେଲ୍ ସ୍ୱପ୍ନ ପୁଣି ଚୁରମାର୍ ହୋଇଛି। ନବନେତମ କିଏ ? ୮୮ ବର୍ଷୀୟ 'ନଭି' ପିଲ୍ଲାଇ ଦକ୍ଷିଣ ଆଫ୍ରିକାର ଡର୍ବାନରେ ଏକ ଭାରତୀୟ ତାମିଲ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜେଜେବାପା ତାମିଲନାଡୁରୁ ଦକ୍ଷିଣ ଆଫ୍ରିକା ଯାଇଥିଲେ। ସେ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶରେ ଆଇନ ଅଭ୍ୟାସ ଆରମ୍ଭ କରିଥିବା ପ୍ରଥମ ଅଣ-ଶ୍ୱେତାଙ୍ଗ ମହିଳା ଥିଲେ। ମାନବିକ ଅଧିକାର ପାଇଁ ଲଢ଼େଇରେ ତାଙ୍କର ଅବଦାନ ଐତିହାସିକ। ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଉଦ୍ୟମ ପାଇଁ ତାଙ୍କୁ ଏହି ସମ୍ମାନଜନକ ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତୀୟ ବଂଶୋଦ୍ଭବ ଏକ ତାମିଲ ପରିବାରରେ ଜନ୍ମିତ ନାଭି ପଲ୍ଲାଇ ବର୍ଣ୍ଣବୈଷମ୍ୟ ଯୁଗରେ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ଆନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନଭିଙ୍କ ବାପା ନାରାୟଣସ୍ୱାମୀ ଜଣେ ବସ୍ ଡ୍ରାଇଭର ଭାବେ କାମ କରୁଥିଲେ।

# ସିଜେପିର ପ୍ରତିବାଦ ଆଗରୁ ପୁଲିସର ଚଢ଼ାଉ:

## ହୋଟେଲ୍, ଗେଷ୍ଟ ହାଉସରେ ଯାଚଂ, ସନ୍ଦିଗ୍ଧଙ୍କୁ ଜେରା



ନୂଆଦିଲ୍ଲୀ,୯/୧୦: ଆସନ୍ତା ଶନିବାର ଦିନ କାକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ବିଶାଳ ଆନ୍ଦୋଳନ ପୂର୍ବରୁ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ଦିନ ଦିଲ୍ଲୀର ବିଭିନ୍ନ ହୋଟେଲ୍, ଗେଷ୍ଟ ହାଉସ, ହଷ୍ଟେଲ୍ ଏବଂ ପେଇଂ ଗେଷ୍ଟ ରହଣିସ୍ଥଳୀଗୁଡ଼ିକରେ ପୁଲିସ ଟିମ୍ ହଠାତ୍ ଚଢ଼ାଉ କରି ପଞ୍ଜୀକରଣ ଖାତା ଯାଚଂ କରିବା ସହ ସନ୍ଦିଗ୍ଧ ମନେହେଉଥିବା ଅନ୍ତେବାସୀଙ୍କୁ କୋଠରୀ ଭଡ଼ା ନେବାର ଉଦ୍ଦେଶ୍ୟ ଓ ରହଣି ଅବଧି ସମ୍ପର୍କରେ କଡ଼ାକଡ଼ି ଭାବେ ପଚରାଉଚରା କରିଛି। ବିଶେଷ କରି ଅକ୍ଟୋବର ୮ରୁ ୧୧ ମଧ୍ୟରେ ରହଣି ପାଇଁ ରୁମ୍ ବୁକ୍ କରିଥିବା, ଦଳଗତ ଭାବେ ଆସିଥିବା ୨୦ରୁ ୩୦ ବର୍ଷ ବୟସ୍କ ଯୁବକ ଏବଂ ଅନ୍ୟ କାହା ନାମରେ ବୁକିଂ ହୋଇଥିବା ରୁମଗୁଡ଼ିକ ଉପରେ ପୁଲିସ ବିଶେଷ ନଜର ରଖିଛି। ଏହାସହ ସିଜେପିର ସହ-ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏବଂ ଚର୍ଚ୍ଚିତ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କ ରହଣିସ୍ଥଳ ସମ୍ପର୍କରେ ସୂଚନା ସଂଗ୍ରହ କରିବା ପାଇଁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏବଂ କ୍ରାଇମ୍ ବ୍ରାଂଚକୁ ନିୟୋଜିତ କରାଯାଇଛି। ସେହିପରି ଦିଲ୍ଲୀ ଆସୁଥିବା ବସ୍, ରେଳଷ୍ଟେସନ ଏବଂ ବିମାନବନ୍ଦରଗୁଡ଼ିକରେ ବାହାର ରାଜ୍ୟରୁ ଦଳଗତ ଭାବେ ପହଚୁଂଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଇଛି। ଅନ୍ୟପକ୍ଷରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆନ୍ଦୋଳନରେ ଯୋଗଦେବାକୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଯାଉଥିବା ଅଭିଯୋଗ ହୋଇଛି, ଯେଉଁଥିରେ ଭୋପାଳର ଇଟାରସି ଷ୍ଟେସନରୁ ଗୋଆ ଏକ୍ସପ୍ରେସରେ ଯାତ୍ରା କରୁଥିବା ୨୧ ଜଣ ଯୁବକଙ୍କୁ ଜିଆରପି ପୁଲିସ ଅଟକ ରଖି ଫେରାଇ ଦେଇଥିବା ଜଣାପଡ଼ିଛି।

# ଆମ୍ବୁଲାନ୍ସ ବିସ୍ଫୋରଣ, ରୋଗୀ ମୃତ

## ୫ ଆହତ, ୩୦ ଫୁଟ ଉଡିଲା ଆମ୍ବୁଲାନ୍ସ ଛାତ



ଉଦଳା,୯/୧୦(ନି/ପ୍ର):ଗୁରୁବାର ରାତି ପ୍ରାୟ ୯ ଟା ସମୟରେ ହଠାତ ଉଦଳା ସ୍ଥିତ ଉପଖଣ୍ଡ ଡାକ୍ତରଖାନା ପରିସର ରେ ଏକ ବିସ୍ଫୋରଣ ଶବ୍ଦରେ ଥରି ଉଠିଲା ଉଦଳା ସହର। ବିସ୍ଫୋରଣ ପରେ ଡାକ୍ତରଖାନା ପରିସର ରେ ୩୦ଫୁଟ ନିଆଁ ଦୃଶ୍ୟମାନ ହେଲା। ରୋଗୀ ଓ ରୋଗୀ ସମ୍ପର୍କୀୟ ଜୀବନ ବଚାଂଇବାକୁ ରାସ୍ତା କୁ ଦୌଡ଼ି ପଳାଇ ଥିଲେ। ଏକ ଘରୋଇ ଆମ୍ବୁଲାନ୍ସ ଜଣେ ଗୁରୁତର ରୋଗୀକୁ ନେବା ବେଳେ ଏହି ବିସ୍ଫୋରଣ ହୋଇଥିଲା। ଉଦଳା ଥାନା କୁଣ୍ଡାବାଇ ଗ୍ରାମର ଜୟନ୍ତ ବାରିକଙ୍କ ପୁଅ ସୁଜଶ ବାରିକ(୪୦) ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଭର୍ତି ହୋଇଥିଲେ। ସୁଯୋଗଙ୍କୁ ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯିବାର ଥିଲା। ସେଥିପାଇଁ ଏକ ଘରୋଇ ଆମ୍ବୁଲାନ୍ସକୁ ରୋଗୀଙ୍କ ପରିବାର ଲୋକେ ଭଡ଼ାରେ ଆଣିଥିଲେ। ଆମ୍ବୁଲାନ୍ସରେ ରୋଗୀଙ୍କୁ ରଖାଯାଇ ଅକ୍ସିଜେନ ସିଲିଣ୍ଡର ଲଗାଯିବା ବେଳେ ଏହି ସିଲିଣ୍ଡର ହଠାଥ ବିସ୍ଫୋରଣ କରିଥିଲା ଏବଂ ଆମ୍ବୁଲାନ୍ସ ରେ ନିଆଁ ଲାଗିଯାଇଥିଲା। ଚାଳକ ବିକାଶ ପ୍ରଧାନ ଓ ସୁଜଶର ଭାଇ ପ୍ରାଣ ବିକଳରେ ରୋଗୀଙ୍କୁ ବାହାର କରିଥିଲେ ହେଁ ବିସ୍ଫୋରଣ ଶବ୍ଦରେ ସାରା ସହର ଦୋହଲିଯାଇଥିଲା। ତେବେ ନିଆଁ ର ପ୍ରକୋପ ଏତେ ଅଧିକ ଥିଲା ଯେ ଆମ୍ବୁଲାନ୍ସ ୩୦ଫୁଟ ଉଚ୍ଚ ରେ ୨୦ମିନିଟ ଧରି ଜଳିଥିଲା। ବିସ୍ଫୋରଣରେ ଆମ୍ବୁଲାନ୍ସ ଛାତ ୫୦ଫୁଟ ଦୂରକୁ ଉଡି ମେଡିସିନ ୱାର୍ଡ ସମୁଖରେ ଥିବା ରୋଗୀ ସମ୍ପର୍କୟଙ୍କ ଉପରେ ପଡିଥିଲା। ୨ଜଣ ପୁରୁଷ ଓ ଜଣେ ମହିଳା ଆହତ ହୋଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ଓ ମୃତକ ଭାଇ ଆହତ ହୋଇଛନ୍ତି। ଡାକ୍ତରଖାନା ପକ୍ଷରୁ କରେଂଟ କଟାଯାଇ ନିଆଁ କୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ତେବେ ନିଆଁ ର ପ୍ରକୋପ ଏତେ ଅଧିକ ଥିଲା ଯେ ଅଗ୍ନିଶମ ବିଭାଗ ଆସି ବହୁ କସରତ ପରେ ନିଆ କୁ ଆୟତ କରିଥିଲେ। ଗୁରୁତର ରୋଗୀ ସୁଜଶର ମୃତ୍ୟୁ ହୋଇଯାଇଥିବା ବେଳେ ୫ଜଣ ଆହତ ହୋଇଥିବା ଜ଼ଣାପଡିଛି। ପୋଲିସ ଘଟଣା ସ୍ଥଳରେ ପହଂଚି ବିସ୍ଫୋରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ଡାକ୍ତର ଖାନା ପରିସର ଲୋକାରଣ୍ୟ ହୋଇଥିଲା ବେଳେ ପୋଲିସ ଭିଡକୁ ମଧ୍ୟ ନିୟନ୍ତ୍ରଣ କରିଛି।

## 'ହେଲମେଟ ବାଟିଂ ଅମାନିଆଙ୍କୁ ବିପଦ ପ୍ରତି ସାବଧାନ କଲା ପୁଲିସ'

କାଶୀନଗର,୯/୧୦(ନି/ପ୍ର): ରାସ୍ତାରେ ବାଇକ୍ ଚଳାଇଲା ବେଳେ ହେଲମେଟ୍ ପିନ୍ଧି ନାହାନ୍ତି କି ? ଚିନ୍ତା କରନ୍ତୁ ନାହିଁ... । ରାସ୍ତାରେ ଚାଳକମାନଙ୍କର ସୁରକ୍ଷା ପାଇଁ ପୁଲିସ ଏବଂ ପରିବହନ ବିଭାଗ ପକ୍ଷରୁ ଚେକିଂ ଜୋରଦାର କରାଯାଉଛି। ଯାନବାହନ ଚାଳକଙ୍କୁ ସଡ଼କ ସୁରକ୍ଷା ସଂପର୍କରେ ସଚେତନ କରାଯାଉଛି। ଯେଉଁ ଚାଳକମାନେ ହେଲ୍‌ମେଟ୍ ପିନ୍ଧି ନଥିବେ ସେମାନଙ୍କ ଠାରୁ ଜରିମାନା ଆଦାୟ ବଦଳରେ, ସେମାନଙ୍କୁ ହେଲମେଟ୍ ପ୍ରଦାନ କରାଯାଉଛି। ଗଜପତିଜିଲ୍ଲା କାଶୀନଗର ଅଂଚଳରେ ଆଜି ଏଭଳି ଦୃଶ୍ୟ ଦେଖାଯାଇଛି, ଯାହାକୁ ସାଧାରଣରେ ପ୍ରଶଂସା କରାଯାଉଛି। ଗଜପତି ଜିଲ୍ଲା କାଶୀନଗର ଏସ୍‌ବିଆଇ ଛକ ନିକଟରେ ଆରକ୍ଷୀ ଅଧ୍ୟକ୍ଷ ପ୍ରହଲ୍ଲାଦ ସାହାଇ ମିନାଙ୍କ ନିର୍ଦ୍ଦେଶକ୍ରମେ ପରିବହନ ବିଭାଗ ଆନୁକୂଲ୍ୟରେ ହେଲମେଟ ଚେକିଂ ହୋଇଥିଲା।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ବିଜେପି କଲା ''ବିକଶିତ ଭାରତ ସଂକଳ୍ପ ସଭା''



କେନ୍ଦୁଝର,୯/୧୦(ନି/ପ୍ର): ୭ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲା ଏବଂ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ସମବେତ ଜନତାଙ୍କୁ ସିଧାସଳଖ ସମ୍ବୋଧିତ କରିଥିଲେ । ପ୍ରତ୍ୟେକ ଜିଲ୍ଲାର ବିଭିନ୍ନ ସ୍ଥାନରୁ 'ସେବା ଜ୍ୟୋତି ଯାତ୍ରା' ବାହାରିବା ପରିପେକ୍ଷୀରେ କେନ୍ଦୁଝର ଜିଲ୍ଲା ସଦର ମହକୁମା'ସେବା ଜ୍ୟୋତି ଛକ' ନିକଟରେ କରାଯାଇଥିଲା 'ବିକଶିତ ଭାରତ ସଂକଳ୍ପ ପ୍ରତୀକାତ୍ମକ ସ୍ଥାପନା କରାଯାଇ' ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କ ନେତୃତ୍ୱ ରେ ବିକଶିତ ଭାରତ ୨୦୪୭' ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯିବାପରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ରେ ପହଚିଂଥିଲା ଏବଂ ଏକ ବିଶାଳ ଜନସମାବେଶ ରେ ସାମୁହିକ ଭାବେ ପ୍ରଧାନମନ୍ତ୍ରୀଙ୍କ ମହାନ ସନ୍ଦେଶ କୁ ଅଭାଷୀ ମାଧ୍ୟମରେ ଉପସ୍ଥିତ ଜନତା ଶ୍ରବଣ ଓ ଉପଭୋଗ କରିଥିଲେ ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଜଣେ ପ୍ରଜାସେବକ ଓ ଜନସେବକ ଭାବେ ସାର୍ବଜନୀନ ଜୀବନ ଓ ଶାସନରେ ୨୫ ବର୍ଷ ସଫଳତାର ସହ ପୁରଣ କରି ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ ସଶକ୍ତୀକରଣ ସହ ଜଡିତ ଏହି ୨୫ ବର୍ଷର ନିରନ୍ତର ସେବା, ସୁଶାସନ, ଗରିବକଲ୍ୟାଣ ଓ ବିକାଶ ଗାଥାକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଚାଂଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ ,ଏ ଅବସରରେ ସାଂସଦ ଅନନ୍ତ ନାଏକ , ବିଧାୟକ ଅଖିଳ ନାଏକ ,ବିଧାୟକ ଫକିର ମୋହନ ନାଏକ ଙ୍କ ସମେତ ସମସ୍ତ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କେନ୍ଦୁଝରେ କଂଗ୍ରେସର ହୁଙ୍କାର



କେନ୍ଦୁଝର,୯/୧୦(ନି/ପ୍ର): କେନ୍ଦୁଝର ସଦରମହକୁମା କାଳୀ ପଡିଆ ରେ ଭାରତୀୟ ଜାତୀୟ କଂଗ୍ରେସ ନିଜର ସହଯୋଗୀ ଇଣ୍ଡି ମେଟଂ ସହିତ ସମ୍ମିଳିତ ଭାବେ ହଜାର ହଜାର ଜନସାଧାରଣ ଙ୍କ ଉପସ୍ଥିତିରେ କେନ୍ଦ୍ର ସରକାରଙ୍କ ଏମଏମଡିଆର କଳା ଆଇନ ବିରୁଦ୍ଧରେ ହୁଙ୍କାର ଦେବା ସହିତ ରାଜ୍ୟରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଖୋଲା ଚ୍ୟାଲେଞ୍ଜ ଦେଇଛି ,ଜିଲ୍ଲା ସଭାପତି ଇଂ ମନୋଜ କୁମାର ଜେନା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ,ବିଧାୟକ ତାରାବାହିନୀପତି , ସିପିଆଇଏମଏଲ ସମ୍ପାଦକ ରାଧାକାନ୍ତ ସେଠୀ, ସିପିଆଇଏମ ସମ୍ପାଦକ ଅଲି କିଶୋର ପଟ୍ଟନାୟକ,ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ,ଜୟଦେବ ଜେନା , ବିଧାୟକ ଲକ୍ଷ୍ମଣ ମୁଣ୍ଡା,ପ୍ରସାଦ ହରିଚନ୍ଦନ ,ସେକ୍ରେଟାରୀ ଏଆଇସିସି ମୟୁର ଜୟକୁମାର ,ଓଡ଼ିଶା ପ୍ରଭାରି ଲାଲଜି ଦେଶାଇ ,ଯଶୋବନ୍ତ ସିଂ ଲାଗୁରି ,ସୁବର୍ଣ୍ଣ ନାଏକ ,ରାମଚନ୍ଦ୍ର କଡାମ ,ସଂଗ୍ରାମ ଦାସ ,ସୁନେଶ ଧୀର ,ବିନୋଦ ନାଏକ ଶୁଭମ ରାଜ ,ସବିତା ସାହୁ, ପ୍ରତିଭା ମଞ୍ଜରି ନାଏକ ,ଶକୁନ୍ତଳା ଲାଗୁରି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ଅଜଣା ମୋଟର ସାଇକଲ ଧକ୍କାରେ ୪ ବର୍ଷର ଶିଶୁକନ୍ୟା ମୃତ

ଚମ୍ପୁଆ,୯/୧୦(ନି/ପ୍ର): ମୋଟର ସାଇକଲ ଧକ୍କାରେ ଜଣେ ୪ ବର୍ଷର ଶିଶୁକନ୍ୟାର ମୃତ୍ୟୁକୁ ନେଇ ଚମ୍ପୁଆ ଅଂଚଳରେ ଉତେଜନା ପ୍ରକାଶ ପାଇଛି । ମୃତ ଶିଶୁକନ୍ୟା ଜଣକ ଚମ୍ପୁଆ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ନୂଆଗାଁ ଅଂଚଳର ହରିଶ ପୂର୍ତିଙ୍କ ଝିଅ ଲିସା ପୂର୍ତି ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ତୁରୁମୁଙ୍ଗା ପଟୁ ଏକ ଦ୍ରୁତଗାମୀ ମୋଟର ସାଇକଲ ଆସି ଲିସାଙ୍କୁ ଜୋରଦାର ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବାଇକ୍ ଚାଳକ ରଜିଆ-ରିମୁଳି ରାସ୍ତା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଥିଲା । ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ମୋଟର ସାଇକଲଙ୍କୁ ଗିରଫ ଦାବି କରିଥିଲେ । ଏନେଇ ଚମ୍ପୁଆ-ତୁରୁମୁଙ୍ଗା ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଚମ୍ପୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ, ଥାନା ଆଇ.ଆଇ.ସି ସ୍ୱରୂପ ରଞ୍ଜନ ନାୟକ ଓ ସ୍ଥାନୀୟ ତହସିଲଦାର ସତ୍ୟବ୍ରତ ସାହୁ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ତୁରନ୍ତ ସହାୟତା ସ୍ୱରୂପ ରେଡକ୍ରସ୍ ପାଣ୍ଠିରୁ ମୃତ ଶିଶୁର ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଅନ୍ୟପକ୍ଷରେ, ଘଟଣା ପରେ ଫେରାର ହୋଇଯାଇଥିବା ମୋଟର ସାଇକଲ ଚାଳକଙ୍କୁ ଚିହ୍ନଟ କରି ଧରିବା ପାଇଁ ଚମ୍ପୁଆ ପୋଲିସ ତଦନ୍ତ ଜାରି ରଖିଛି । ଶବ ବ୍ୟବଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ଚମ୍ପୁଆ ଶାଖାରେ ବରିଷ୍ଠ ନାଗରିକଙ୍କ ଠାରୁ ୫୦ ହଜାର ଲୁଟ୍

ଚମ୍ପୁଆ,୯/୧୦(ନି/ପ୍ର):ଚମ୍ପୁଆ ସହରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଭିତରେ ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ୫୦ ହଜାର ଟଙ୍କା ପକେଟ୍‌ମାର୍ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଶଶାଙ୍ଗ ଗ୍ରାମର ଧନେଶ୍ୱର ମହାକୁଡ଼ ନିଜ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ ପାଇଁ ଉକ୍ତ ବ୍ୟାଙ୍କ ଶାଖାରୁ ୫୦ ହଜାର ଟଙ୍କା ଉଠାଇଥିଲେ । ଟଙ୍କା ଗଣି ସାରିବାପରେ ସେ ତାହାକୁ ନିଜ ପ୍ୟାଂଟ ପକେଟ୍‌ରେ ରଖି କାଉଂଟର ନିକଟରେ ପାସ୍ ବୁକ୍ ଅପଡେଟ୍ କରୁଥିଲେ । କାମ ସାରିବା ପରେ ଧନେଶ୍ୱର ନିଜ ପକେଟ୍ ଯାଂଚ କରିବାରୁ ଟଙ୍କା ପକେଟ୍‌ମାର୍ ହୋଇଥିବା ଜାଣିବାକୁ ପାଇଥିଲେ । ସେ ତୁରନ୍ତ ଏ ବାବଦରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହିତ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ପକେଟମାର୍ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ । ବ୍ୟାଙ୍କ ଭିତର ଚାରିପଟେ ସିସି କ୍ୟାମେରା ଲାଗିଥିଲେ ସୁଦ୍ଧା ଦିନଦ୍ୱିପ୍ରହରରେ ବ୍ୟାଙ୍କ ଭିତରେ ଏଭଳି ଘଟଣା ଘଟିବା ଗ୍ରାହକମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ହାତୀ ପଲକୁ ଘଉଡେଇବା ସହିତ କ୍ଷତିପୂରଣ ଦାବିରେ ରେଞ୍ଜ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ଚମ୍ପୁଆ,୯/୧୦(ନି/ପ୍ର):ଚମ୍ପୁଆ ରେଞ୍ଜରେ ହାତୀ ପଲ ଦୀର୍ଘଦିନ ଧରି ଆଡ୍ଡା ଜମାଇ ଲୋକଙ୍କ ନିଦ ହଜାଇ ସାରିଥିବାବେଳେ ଗତ କିଛି ସପ୍ତାହ ହେବ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ରହି ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରି ଚାଲିଛନ୍ତି । ଗ୍ରାମବାସୀ ଋଣ ଧାର କରଜ କରି ଜମିରେ ଚାଷ କରିଥିବା ବେଳେ ଦୈନିକ ହାତୀପଲ ଫସଲ ସବୁ ମାଡି ଦଳି ନଷ୍ଟ କରୁଛନ୍ତି । ବନ ବିଭାଗ ପ୍ରତିଦିନ ହାତୀକୁ ଘୋଉଡାଇବା ବଦଳରେ ନିରବଦ୍ରଷ୍ଟା ସାଜିଥିବାରୁ ହାତୀପଲ ପ୍ରତି ଦିନ ରାତିରେ ବ୍ୟାପକ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ବନ ବିଭାଗ ହାତୀ ଘଉଡେଇବାରେ ସମ୍ପୂର୍ଣ୍ଣ ବିଫଳ ହେବାରୁ ଦିନକୁ ଦିନ ଏହି ଗାଁ ରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି । ଚାଷ ନଷ୍ଟ କରିବା ସହିତ ଗ୍ରାମରେ ପଶି ଘର ଭାଙ୍ଗିବା ଏକ ନୀତି ଦିନିଆଁ ଘଟଣା ସାଜିଛି । ଯାହାକୁ ନେଇ ଗ୍ରାମବାସୀ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଶୀଘ୍ର ହାତୀ ପଲଙ୍କୁ ଘଉଡେଇବା ସହିତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ହାତୀ ପଲଙ୍କୁ ଘୋଉଡାଇ ଚାଷକୁ ସୁରକ୍ଷା ଦେବା ସହିତ କିପରି ଘରଦ୍ୱାର ଭଙ୍ଗା ରୋକାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଥିବାବେଳେ ରେଞ୍ଜ ଅଧିକାରୀ ପୋଲିସ ସହିତ ଗ୍ରାମବାସୀଙ୍କ ସହାୟତାରେ ହାତୀ ଘଉଡେଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ନିର୍ବାଚନ ପୂର୍ବରୁ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବୋମା ମାଡ଼, ଛାତ୍ରଛାତ୍ରୀ ଭୟଭୀତ

ଯାଜପୁର,୯/୧୦(ନି/ପ୍ର): ନିର୍ବାଚନ ପୂର୍ବରୁ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବୋମା ମାଡ଼ ଘଟିଛି । ଆଉ ଏହାକୁ ନେଇ ଛାତ୍ରଛାତ୍ରୀ ଭୟଭୀତ ହୋଇପଡିଛନ୍ତି । ଏହି ଘଟଣାକୁ ନେଇ ପୁଲିସର ତଦନ୍ତ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ଆଜି ଭୋର ୩.୨୦ ମିନିଟ ସମୟରେ ପ୍ରଥମେ ଯାଜପୁର ରୋଡ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରିନ୍ସପାଲଙ୍କ ବାସଭବନ ଆଗରେ ହଠାତ ବୋମା ଫୁଟିବାର ଶବ୍ଦ ଆସିଥିଲା । ଏହା ପରେ ପ୍ରିନ୍ସପାଲ ଅକ୍ଷୟ ତ୍ରିପାଠୀ ଘର ବାହାରକୁ ଆସି ଦେଖିଲାବେଳକୁ ସମ୍ପୂର୍ଣ୍ଣ ପରିବେଶ ଧୂଆଁ ହେଇଯାଇଥିଲା । ଏହାପରେ ଶ୍ରୀ ତ୍ରିପାଠୀ ଭୟଭୀତ ହୋଇ ସାଥି ଅଧ୍ୟାପକଙ୍କୁ ଫୋନ ଯୋଗେ ଡାକି ଥିଲେ । ଏଥିସହିତ କିଛି ସମୟରେ ମହାବିଦ୍ୟାଳୟ ପରିସରରେ ଥିବା ପଠାଣି ସାମନ୍ତ ଛାତ୍ର ନିବାସ ଆଗରେ ୩ରୁ ୪ଟି ବୋମା ଫୁଟିଥିଲା । ଏହି ଖବର ପ୍ରିନ୍ସପାଲ ତୁରନ୍ତ ଯାଜପୁର ରୋଡ ପୋଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଘଟଣାସ୍ଥଳରେ ପହଂଚି ଅଫୁଟା ବୋମା ଗୁଡିକୁ ଜବତ କରିଥିଲେ । ଏଥିସହିତ ଘଟଣା ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏହି ବୋମାଗୁଡିକ ନଡ଼ିଆ ବାଣ





ବୋଲି ଜଣାପଡୁଛି । ସେପଟେ ଆସନ୍ତାକାଲି ଛାତ୍ର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଥିବାବେଳେ ଏହାପୂର୍ବରୁ ମହାବିଦ୍ୟାଳୟ ପରିସରରେ ବୋମା ମାଡ଼ ଘଟଣାକୁ ନେଇ ଛାତ୍ରଛାତ୍ରୀ ଭୟଭୀତ ଥିବା ବେଳେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମହାବିଦ୍ୟାଳୟର ପ୍ରିନ୍ସପାଲ ଦାବି କରିଛନ୍ତି ।

# ସେବା, ସ୍ୱାସ୍ଥ୍ୟ, ବନ୍ଧୁତାର ମନ୍ତ୍ର - ସରକାରୀ ମହାବିଦ୍ୟାଳୟ ବଲାଙ୍ଗୀରରେ ଯୁବ ରେଡ଼କ୍ରସର ମହାମନ୍ଥନ

ବଲାଙ୍ଗୀର,୯/୧୦(ନି/ପ୍ର): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ନିର୍ଦ୍ଦେଶନାରେ ବଲାଙ୍ଗୀର ଜିଲ୍ଲା ନୋଡାଲ କଲେଜ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ, ବଲାଙ୍ଗୀରର ପ୍ରେକ୍ଷାଳୟ ୦୨ ପରିସରରେ ଯୁବ ରେଡକ୍ରସ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ୨୦୨୬–୨୭ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ଅନୁବନ୍ଧିତ ଡିଗ୍ରୀ ଏବଂ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସମୁଦାୟ ୧୦୪ ଜଣ ଅଧ୍ୟକ୍ଷ ତଥା ଯୁବ ରେଡକ୍ରସ କାଉନସିଲର ଅଂଶଗ୍ରହଣ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ, ପ୍ରାରମ୍ଭିକ ସଙ୍ଗୀତଗାନ ଓ ଯୁବ ରେଡକ୍ରସ ଶପଥ ପାଠ ପରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଡିଡବ୍ଲୁସି ଅଧ୍ୟକ୍ଷ ଡ. କୌତୁକ ପନ୍ଦର ଅଧ୍ୟକ୍ଷତା କରି କହିଲେ ଯେ ଯୁବ ସମାଜ ମଧ୍ୟରେ ମାନବସେବା, ଶୃଙ୍ଖଳା, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବାରେ ଯୁବ ରେଡକ୍ରସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲା ଆବାହକ ସମ୍ପାଦକ ଲେଫ୍ଟନାଂଟ କୁଶ କହଁର ବୈଠକର ଆଭିମୁଖ୍ୟ ଉପସ୍ଥାପନ କରି ଜିଲ୍ଲାରେ ବ୍ୟାପକ ସେବା କାର୍ଯ୍ୟକ୍ରମ, କାଉନସିଲର ତାଲିମ, ଜିଲ୍ଲାସ୍ତରୀୟ ଶିବିର ଆୟୋଜନ ଏବଂ ରିଅଲ-ଟାଇମ୍ ଡିଜିଟାଲ ତଦାରଖ ଉପରେ ଆଲୋକପାତ କରିଥିଲେ । ମଂଚରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଡ. ଦୈତାରୀ ପୂଜାରୀ, ବରିଷ୍ଠ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ କୁମାର ବାରିକ ଏବଂ ମଂଚ ସଂଚାଳକ ଶ୍ରୀ ଅର୍ପିତା ପରିଛା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ୧. ୩ଟି ଷ୍ଟଡି କ୍ୟାମ୍ପ ଓ ୧ଟି କାଉନସିଲର ତାଲିମ ଶିବିର: ଚଳିତ ଶିକ୍ଷାବର୍ଷରେ ବଲାଙ୍ଗୀର ଜିଲ୍ଲାରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ପାଇଁ ୩ଟି ଜିଲ୍ଲାସ୍ତରୀୟ ଅଧ୍ୟୟନ ତଥା ଆବାସିକ ଶିବିର ଏବଂ ଅଣତାଲିମପ୍ରାପ୍ତ କାଉନସିଲର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୧ଟି କାଉନସିଲର ତାଲିମ ଶିବିର ଆୟୋଜନ କରିବାକୁ ନିଷ୍ପତି ନିଆଗଲା । ୨. ୮ଟି ନିର୍ଦ୍ଦେଶିତ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମ: ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କଲେଜ ଓ ଯୁକ୍ତଦୁଇ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ରକ୍ତଦାନ ଓ ସଚେତନତା, ପ୍ରାଥମିକ ଚିକିତ୍ସା ତାଲିମ, ସଡ଼କ ସୁରକ୍ଷା, ଅଗ୍ନି ନିର୍ବାପକ ଡ୍ରିଲ୍, ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା ଏବଂ ରେଡ୍ ରିବନ କ୍ଲବ କାର୍ଯ୍ୟକ୍ରମ ବ୍ୟାପକ ଭାବେ ପାଳନ କରିବେ । ୩. ସ୍ଥାୟୀ ଗୁଗୁଲ ଫର୍ମ ଲିଙ୍କ୍ ଦ୍ୱାରା ରିଅଲ-ଟାଇମ୍ ଡାଟା ସଂଗ୍ରହ: ପ୍ରତ୍ୟେକ କାର୍ଯ୍ୟକ୍ରମର ତଥ୍ୟ ତୁରନ୍ତ ନୋଡାଲ କଲେଜକୁ ସ୍ଥାନାନ୍ତର ଓ ସଂରକ୍ଷଣ କରିବା ପାଇଁ ଏକ ସ୍ଥାୟୀ ଗୁଗୁଲ ଫର୍ମ ପୋର୍ଟାଲ କାର୍ଯ୍ୟକ୍ଷମ କରାଗଲା, ଯାହା ଫଳରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ତୁରନ୍ତ ରିପୋର୍ଟ ପ୍ରସ୍ତୁତ ଓ ପ୍ରେରଣ କରାଯାଇପାରିବ । ୪. ଶ୍ରେଷ୍ଠ କାଉନସିଲର ଓ ଶ୍ରେଷ୍ଠ ୟୁନିଟ୍ ଚୟନ: ଉକ୍ତ ଗୁଗୁଲ ଫର୍ମ ପୋର୍ଟାଲ ଏପରି ଭାବରେ ପ୍ରସ୍ତୁତ କରାଯାଇଛି, ଯାହା ମାଧ୍ୟମରେ ସ୍ୱଚ୍ଛ ଓ ତଥ୍ୟଭିତିକ ଭାବରେ ଜିଲ୍ଲାର ଶ୍ରେଷ୍ଠ କାଉନସିଲର ଏବଂ ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଯୁବ ରେଡକ୍ରସ ୟୁନିଟ୍ ଚୟନ କରାଯାଇ ପୁରସ୍କୃତ କରାଯିବ । ଶେଷରେ ଡ. ଶ୍ରୀକାନ୍ତ କୁମାର ବାରିକ ସମସ୍ତଙ୍କୁ ଔପଚାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜାତୀୟ ସ୍ତରକୁ ମନୋନୀତ ହେଲେ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଆୟୁଶ୍ରୀ

କେନ୍ଦୁଝର,୯/୧୦(ନି/ପ୍ର): କେନ୍ଦୁଝରର ତିନିଜଣ ଛାତ୍ରୀ ବିଭିନ୍ନ ବିଷୟବସ୍ତୁରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶ୍ୱେତାପଦ୍ମା ପଣ୍ଡା "ଖାଦ୍ୟ, କୃଷି ଓ ସ୍ୱାସ୍ଥ୍ୟ", ଲକ୍ଷ୍ମୀ ପ୍ରିୟା ମହାନ୍ତ "ବର୍ଜ୍ୟ ପରିଚାଳନା ପାଇଁ ଆରମ୍ଭ" ଏବଂ ସୁଶ୍ରୀ ଆୟୁଶ୍ରୀ ପାତ୍ର "ସ୍ଥାୟିତ୍ୱ ପାଇଁ ଭାରତୀୟ ଜ୍ଞାନ ପ୍ରଣାଳୀ" ଉପବିଷୟରେ ଅନୁସନ୍ଧାନାତ୍ମକ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି ପ୍ରତିଯୋଗିତ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନଂ ୧ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଏହି ଛାତ୍ରୀମାନେ ଗତ ୨୮ ଓ ୨୯ ତାରିଖରେ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୬, ପୋଖରୀପୁଟ, ଭୁବନେଶ୍ୱରଠାରେ ଆଚଂଳିକ ପ୍ରତିଯୋଗିତାରେ ଅଂଶଗ୍ରହଣ





କରିଥିଲେ । ସେଠାରୁ ସୁଶ୍ରୀ ଆୟୁଶ୍ରୀ ପାତ୍ରଙ୍କ "ସ୍ଥାୟିତ୍ୱ ପାଇଁ ଭାରତୀୟ ଜ୍ଞାନ ପ୍ରଣାଳୀ" ଉପବିଷୟ ଅଧୀନରେ ପ୍ରସ୍ତୁତ ପ୍ରକଳ୍ପ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜାତୀୟ ସ୍ତରକୁ ମନୋନୀତ ହୋଇଛି । ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ଅନୁସନ୍ଧାନମୂଳକ ମନୋଭାବ ଓ ସୃଜନଶୀଳତାର ବିକାଶ ପାଇଁ ଏକ ପ୍ରମୁଖ ବୈଜ୍ଞାନିକ ମଚଂ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସ୍ଥାନୀୟ ସମସ୍ୟା, ପରିବେଶ ଓ ସମାଜ ସହ ଜଡ଼ିତ ବିଭିନ୍ନ ବିଷୟ ଉପରେ ପ୍ରକଳ୍ପ ପ୍ରସ୍ତୁତ କରି ନିଜର ବୈଜ୍ଞାନିକ ଅନୁସନ୍ଧାନ ଓ ଚିନ୍ତନଶୀଳତାକୁ ପ୍ରଦର୍ଶନ କରିଥାନ୍ତି । ସଙ୍କୁଳ, ଆଚଂଳିକ ଓ ଜାତୀୟ ସ୍ତର ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ପ୍ରକଳ୍ପ ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ଏହି ଖବର ମିଳିବା ପରେ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି । ପ୍ରକାଶ ଥାଉ କି, ଏଥର କଳା ଉତ୍ସବରେ ମଧ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରର ନୃତ୍ୟଦଳ ଜୋନାଲ୍ ସ୍ତରକୁ ମନୋନୀତ ହୋଇଥିଲା । ଏହି ସବୁ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ସାହୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ବାବା ବୁଢାଗଣେଶଙ୍କ ବନ୍ଧୁମିଳନ ଉତ୍ସବ ଭାଇଚାରାର ପ୍ରତୀକ

ଭଦ୍ରକ,୯/୧୦(ନି/ପ୍ର):ଭଦ୍ରକର ଐତିହାସିକ ବାବା ବୁଢା ଗଣେଶ କମିଟି ପକ୍ଷରୁ ଗତକାଲି ମଙ୍ଗଳବାର ସନ୍ଧ୍ୟାରେସବୁ ବର୍ଷ ପରି ଏଥର ଏକ ବନ୍ଧୁମିଳନ ଉତ୍ସବ ର ଆୟୋଜନ କରାଯାଇଥିଲା ।ସଦବର୍ତ ମଠ ଠାରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଡି ଆଇ ଜି ପିନାକ ମିଶ୍ର ଯୋଗ ଦେଇ କହିଲେ ଯେ, ଭଦ୍ରକର ଐତିହାସିକ ବୁଢା ଗଣେଶପୂଜା.ଓ ବନ୍ଧୁମିଳନ ଉତ୍ସବ ଏକ ଭାଇଚାରା ର ପ୍ରତୀକ ।ଏହି ଉତ୍ସବ ରେ ହିନ୍ଦୁ ମୁସଲିମ ଉଭୟ ସମ୍ପ୍ରଦାୟ ସାମିଲ ହୋଇ ଭାଇଚାରାର ବାର୍ତ ପ୍ରଦାନ କରିଛନ୍ତି ।ଗୋଟିଏ ମଂଚରେ ବିଭିନ୍ନ ବର୍ଗର ଲୋକ ସାମିଲହୋଇ ଭାବର ଆଦାନ ପ୍ରଦାନ କରାଯିବା ବନ୍ଧୁ ମିଳନ ର ଏକ ନିଆରା ପରମ୍ପରା ।ଅନ୍ୟ ପକ୍ଷରେ ଏହି ପୂଜାରେ ଏକ ମାସଧାରି ଶାନ୍ତି ଶୃଙ୍ଖଳା ବଜାୟ ରଖି ପାଳନ କରାଯିବା ଘଟଣା ଏକ ଦୃଷ୍ଟାନ୍ତ ବୋଲି ଡି ଆଇ ଜି ଶ୍ରୀ ମିଶ୍ର ପ୍ରଂଶସା କରିଥିଲେ । ସଭା ଆରମ୍ଭ ପୂର୍ବରୁ ବୁଢା ଗଣେଶ ଙ୍କ ମଣ୍ଡପରୁ ଆଜ୍ଞାମାଳ ଓ ଆଳତୀ ଦୀପ କୁ ଶ୍ରଦ୍ଧାଳୁ ମାନଙ୍କ ର ଏକ ଶୋଭଯାତ୍ରା ରେ ଆଣି ସଦବର୍ତ ମଠ ବନ୍ଧୁ ମିଳନ ଉତ୍ସବ କୁ ଅଣାଯାଇଥିଲା ।ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ନାୟକ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସଭାରେ ଏସ ପି ମନୋଜ ରାଉତ,ଭଦ୍ରକ ର ପୂର୍ବତନ ଇନିସ୍ପେକ୍ଟର ତଥା ଏବେକାର ରାଇରଙ୍ଗପୁର ଏସପି ସୁରେଶ ପାତ୍ର,ଡାକ୍ତର ପ୍ରଦୀପ ନାୟକ,ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି,ରାଜ୍ୟ କଂଗ୍ରେସ ଉପସଭାପତି ଅସିତ ପଟ୍ଟନାୟକ,ପୌରାଧକ୍ଷା ଗୁଲମକି ଦଲଓ୍ୱାଜି ହବିବ,କାଉନସିଲର ଜୁଲଫିକର ଅଲ୍ଲୀ ଯୋଗଦେଇ ବୁଢାଗଣେଷଙ୍କ ମାହାତ୍ମ୍ୟ ସମ୍ପର୍କରେ ମତ ରଖିଥିଲେ ।ଏହି ଉତ୍ସବ ରେ ଏସ ପି ସୁରେଶ ପାତ୍ର,ସମାଜ ସେବୀ ସୁଧାକର ରାଉତ,ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ପୁରୁଣାବଜାର ସାରସ୍ୱତୀଶିଶୁ ମନ୍ଦିର ର ଛାତ୍ର ଜ୍ୟୋତି ରଞ୍ଜନ ପାଢ଼ୀ,ୱେଟ ଲିଫ୍ଟର ସେକ ନାଜିବ ଅକ୍ତର,ବୁଢ଼ା ଗଣେଶ ମୂର୍ତି କାରିଗର ରୁଦ୍ର ନାରାୟଣ ସାହୁ,କୁନି ନୃର୍ତ୍ୟ ଶିଳ୍ପୀ ଶୁଚିସ୍ମିତା ସାହୁ,ସଙ୍କଟ ମୋଚନ ଗୋସେବା କେନ୍ଦ୍ର ଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂଜା କମିଟର ସଭାପତି ବିଦ୍ୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁସଲିମଜାମାତ ର ଏନାମ ହୋସେନ,ସେକ ଜାକଓ୍ୱାଲ୍ଲା,ପ୍ରମୁଖ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ ।ସେକ ଅବଦୁଲ ମୁକ୍ତାଦ ଧନ୍ୟବାଦ ଦେଇଥିବା ବେଳେ ବୃନ୍ଦାବନ ସାହୁ,ବିଭୁତି ଭୂଷଣ ସାହୁ,ଶିବ ପ୍ରସାଦ ସାହୁ ଓ ଚିତରଞ୍ଜନ ସାହୁ ମଂଚ ପରିଚାଳନା କରିଥିଲେ ।ଶେଷରେ ମନୋରଞ୍ଜନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା । ଶ୍ରୀ ଶ୍ରୀ ବାବା ବୁଢାଗଣେଶ ମାସାଧିକ କାଳ ପୂଜା ପାଇବା ପରେ ଆସନ୍ତା ୧୪ ତାରିଖରେ ଏହାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ।

# ଛାତ୍ର ସଂସଦ ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନର ବୈଠକ, ସ୍ୱଚ୍ଛ, ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଗୁରୁତ୍ୱ

ଭଦ୍ରକ,୯/୧୦(ନି/ପ୍ର): ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ । ଏଥିସହ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧିକାରୀ ଏବଂ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ନିର୍ବାଚନକୁ ନେଇ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନହୁଏ, ସେଥିପାଇଁ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସମନ୍ୱୟର ସହ କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଛାତ୍ର ସଂସଦ ନିର୍ବାଚନକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି ।

# ବିବିଧା

## ଆଜିର ରାଶିଫଳ

ମେଷ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ବୃଷ: ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

ମିଥୁନ: ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

ସିଂହ: ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ତୁଳା: ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

ବିଛା: କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

ଧନୁ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

ମକର: ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

କୁମ୍ଭ: ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



## ଆଶୁତୋଷ-ଅମିର୍‌ଙ୍କ 'ଲଲକାର'

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଲଗାନ' ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ୍ୟ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି 'ଲଲକାର'। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ଲଗାନ' ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍ ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। 'ସିତାରେ ଜମିନ୍ ପର୍' ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ 'ଥ୍ରୀ ଇଡିଅଟସ୍ ୨'ରେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

## ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା' ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା' କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

### ପ୍ରେମ ଦେଖେନି ବୟସ

## ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଜିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍‌ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁ ନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା' ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

# ସ୍ୱସ୍ତି



## ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

## ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**



- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।

## ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ'ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

## ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**



- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍‌ୟାପର୍ ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ। ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।

ଉତ୍କଳ ସମାଚାର

## ସମ୍ପାଦକୀୟ...

ଶନିବାର ୧୦ ଅକ୍ଟୋବର ୨୦୨୬

# ଉଠାଣି ପଥର

ଜନସଂଖ୍ୟା ବିଶେଷଜ୍ଞମାନେ କହନ୍ତି ଯେ ଜନସଂଖ୍ୟାରେ ହ୍ରାସ ଘଟାଇବା ହେଉଛି ଏକ ବଡ଼ ପଥରକୁ ଏକ ପାହାଡ଼ର ଉପରୁ ତଳକୁ ଖସାଇବା ପରି ସହଜ; କିନ୍ତୁ ଥରେ ଜନସଂଖ୍ୟାରେ ହ୍ରାସ ଘଟି ଚାଲି 'ଟିଏଫ୍ଆର ୧.୫ରେ ପହଚିଂଯିବା ପରେ, ସେଥିରେ ପୁଣି ବୃଦ୍ଧି ଘଟାଇବା ସେଇଭଳି କଷ୍ଟକର ହୋଇଥାଏ, ଯେଉଁଭଳି ସେଇ ପଥର ଖଣ୍ଡକୁ ପାହାଡ଼ର ପାଦ ଦେଶରୁ ଉପରକୁ ଗଡ଼ାଇ ଗଡ଼ାଇ ନେଇ ଶିଖରରେ ପହଚାଂଇବା ଦୁଃସାଧ୍ୟକର ହୋଇଥାଏ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତାଙ୍କ ରାଜ୍ୟର ପରିବାରମାନଙ୍କରେ ଅଧିକ ସଂଖ୍ୟକ ସନ୍ତାନ ଜନ୍ମଲାଭ କରିବା ଚାହାନ୍ତି। ଏହାର କାରଣ ହେଉଛି ସେ ରାଜ୍ୟରେ ହ୍ରାସ ପାଇ ଚାଲିଥିବା 'ଟୋଟାଲ୍ ଫର୍ଟିଲିଟି ରେଟ୍' ('ଟିଏଫ୍ଆର), ଯାହା ବର୍ତ୍ତମାନ ୧.୫ ଛୁଇଁ ସାରିଲାଣି। 'ଟିଏଫ୍ଆର ହେଉଛି ଜଣେ ନାରୀ ତାଙ୍କର ଜୀବନ କାଳ ମଧ୍ୟରେ ଜନ୍ମ ଦେଉଥିବା ହାରାହାରି ସନ୍ତାନ ସଂଖ୍ୟା। ଏକ ଦେଶର 'ଟିଏଫ୍ଆର୍' ଯଦି ୨.୧ ଠାରୁ କମ୍ ହୁଏ, ତେବେ ସେ ଦେଶର ମୋଟ ଜନସଂଖ୍ୟା ହ୍ରାସ ପାଇବାକୁ ଲାଗିଥାଏ। ଏକ ରାଜ୍ୟ ପ୍ରତି ମଧ୍ୟ ତାହା ପ୍ରଯୁଜ୍ୟ। ଚନ୍ଦ୍ରବାବୁ ନାଇଡୁ ତେଣୁ ଏଥିଯୋଗୁଁ ତାଙ୍କ ରାଜ୍ୟର ମୋଟ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିବ ବୋଲି ଆଶଙ୍କା କରୁଛନ୍ତି। ଜନସଂଖ୍ୟା ଆଧାରରେ ଲୋକସଭା କ୍ଷେତ୍ରମାନଙ୍କର ପୁନଃ ନିର୍ଦ୍ଧାରଣ କରାଗଲେ, ଏ ହେତୁ ଲୋକସଭାରେ ଆନ୍ଧ୍ରପ୍ରଦେଶକୁ ଅପେକ୍ଷାକୃତ କମ୍ ଆସନ ମିଳିବ। ଏଭଳି ସମ୍ଭାବନାକୁ ପ୍ରତିହତ କରିବା ନିମିତ ନାଇଡୁ ସରକାର ସେ ରାଜ୍ୟରେ ସନ୍ତାନ ଜନ୍ମ ହାରରେ ବୃଦ୍ଧି ଘଟି ଜନସଂଖ୍ୟାରେ ବୃଦ୍ଧି ଘଟିବା ଚାହାନ୍ତି। ଏଇ ଉଦ୍ଦେଶ୍ୟରେ ସେଠାରେ ଦଂପତିମାନଙ୍କୁ ଅଧିକ ସଂଖ୍ୟକ ସନ୍ତାନ ଜନ୍ମ ପାଇଁ ଉତ୍ସାହିତ କରିବା ଲାଗି ସରକାର ଗତ ମାର୍ଚ୍ଚରେ ଦ୍ୱିତୀୟ ସନ୍ତାନ ଉତ୍ପାଦନ ପାଇଁ ସଂପୃକ୍ତ ଦଂପତିଙ୍କୁ ୨୫,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ବର୍ତ୍ତମାନ ସେ ରାଜ୍ୟରେ ଦଂପତିମାନଙ୍କ ଠାରେ ଆହୁରି ଅଧିକ ସଂଖ୍ୟକ ସନ୍ତାନ ଉତ୍ପାଦନ ପାଇଁ ଆଗ୍ରହ ସୃଷ୍ଟି କରିବା ଆଶା ପୋଷଣ କରି ମୁଖ୍ୟମନ୍ତ୍ରୀ ନାଇଡୁ ଏବେ ତୃତୀୟ ଓ ଚତୁର୍ଥ ସନ୍ତାନ ଜନ୍ମ ହେଲେ ସେମାନଙ୍କୁ ଯଥାକ୍ରମେ ୩୦,୦୦୦ ଓ ୪୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ନାଇଡୁଙ୍କର ଏଇ ପ୍ରୋତ୍ସାହନ ଯୋଜନା ଅର୍ଥଶାସ୍ତ୍ରର ସୁପରିଚିତ ମୌଳିକ ନିୟମ 'କ୍ରମ ହ୍ରାସମାନ ସୀମାନ୍ତ ଉପଯୋଗିତା' ନିୟମକୁ ଓଲଟାଇ ଦେଇ ତାହାକୁ ଏ କ୍ଷେତ୍ରରେ 'କ୍ରମ ବର୍ଦ୍ଧିଷ୍ଣୁ ସୀମାନ୍ତ ଉପଯୋଗିତା' ନିୟମରେ ପରିଣତ କରିଦେବା ଭଳି ମନେ ହୋଇଥାଏ- ଦଂପତିମାନଙ୍କ ପାଇଁ ପ୍ରୋତ୍ସାହନ ପ୍ରାପ୍ତି ଦୃଷ୍ଟିରୁ ପ୍ରତ୍ୟେକ ଅତିରିକ୍ତ ସନ୍ତାନର ଉପଯୋଗିତା ବୃଦ୍ଧି ପାଇ ଚାଲିଥାଏ। ନାଇଡୁଙ୍କ ଘୋଷଣା ଅନୁଯାୟୀ ଜନସଂଖ୍ୟା 'ନିୟନ୍ତ୍ରଣ'ରୁ ଧ୍ୟାନ ହଟାଇ ତାହାକୁ ଜନସଂଖ୍ୟା 'ପାଳନ' ଉପରେ ନିବଦ୍ଧ କରିବା ହେଉଛି ତାଙ୍କର ଏଇ ଯୋଜନାର ଉଦ୍ଦେଶ୍ୟ। ଏହା ତାଙ୍କ ରାଜ୍ୟର ଜନସଂଖ୍ୟାଗତ ଭବିଷ୍ୟତ ସୁରକ୍ଷିତ କରିବା ଦିଗରେ ଏକ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି। ଏଇ ପ୍ରୋତ୍ସାହନ ବ୍ୟତୀତ ଅନ୍ୟ କେତେକ ସହାୟକ ବ୍ୟବସ୍ଥା ମଧ୍ୟ ଏଇ ଯୋଜନାରେ ଅନ୍ତର୍ଭୁକ୍ତ: ଜନନୀ ଓ ସନ୍ତାନଙ୍କ ପୁଷ୍ଟିସାଧନ ନିମିନ୍ନ ସହାୟତା ପ୍ରଦାନ; ସରକାରୀ ହସ୍‌ପିଟାଲମାନଙ୍କରେ ମାଗଣାରେ ପ୍ରଜନନ ସ୍ୱାସ୍ଥ୍ୟ ସେବା ଯୋଗାଣ; ପିଲାମାନଙ୍କ ପାଇଁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଇତ୍ୟାଦି। ସମୟ ଥିଲା, ଯେତେବେଳେ ଅଷ୍ଟାଦଶ ଶତାବ୍ଦୀର ଇଂରେଜ ଅର୍ଥନୀତିଜ୍ଞ ଥମାସ୍ ମାଲଥସ୍‌ଙ୍କ ନୈରାଶ୍ୟଜନକ ଭବିଷ୍ୟବାଣୀ ଦ୍ୱାରା ପ୍ରଭାବିତ ହୋଇ ମାନବ ଜାତିକୁ ବିଲୟରୁ ରକ୍ଷା କରିବା ପାଇଁ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରିତ କରିବା ପାଇଁ ସର୍ବତ୍ର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ବର୍ନମାନ କିନ୍ତୁ ଜନସଂଖ୍ୟାରେ ବୃଦ୍ଧି ଘଟାଇବା ପାଇଁ ଖୋଲାଖୋଲି ଭାବରେ ଉଦ୍ୟମ କରିବାରେ ପୃଥିବୀରେ ଚନ୍ଦ୍ରବାବୁ ନାଇଡୁ ଏକମାତ୍ର ବ୍ୟକ୍ତି ବା ନେତା ନୁହନ୍ତି। ଚୀନ, ଜାପାନ, ଦକ୍ଷିଣ କୋରିଆରୁ ଏକାଧିକ ଇଉରୋପୀୟ ଦେଶମାନଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ସେମାନଙ୍କର ଜନସଂଖ୍ୟାରେ ବୃଦ୍ଧି ଘଟାଇବା ପାଇଁ ସେମାନଙ୍କର ନାଗରିକମାନଙ୍କୁ କିପରି ଅଧିକ ସନ୍ତାନ ଜନ୍ମ କରିବାକୁ ପ୍ରବୃନ୍ତ କରାଯାଇ ପାରିବ, ତାହାର ଉପାୟ ଅନୁସନ୍ଧାନ କରିବାରେ ବ୍ୟସ୍ତ। ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଓ ପ୍ରୟୋଗ ଦ୍ୱାରା ଉତ୍ପାଦନଶୀଳତାରେ ଚମକପ୍ରଦ ବୃଦ୍ଧି ଘଟିବା ପରେ ପୃଥିବୀର ଜନସଂଖ୍ୟା ଧାରଣ କ୍ଷମତାରେ ଘଟିଥିବା ଚମକପ୍ରଦ ବୃଦ୍ଧି ମାଲଥସ୍‌ଙ୍କ ଭବିଷ୍ୟବାଣୀକୁ ଅମୂଳକ ସାବ୍ୟସ୍ତ କରିବା ସହିତ ସାଧାରଣ ମନୁଷ୍ୟର ଜୀବନ ଧାରଣର ମାନରେ ମଧ୍ୟ ଅବିଶ୍ୱସନୀୟ ଉନ୍ନତି ଘଟାଇଛି। କିନ୍ତୁ ଏହା ଦ୍ୱାରା ଉତ୍ସାହିତ ହୋଇ ଦଂପତିମାନେ ଅଧିକ ସଂଖ୍ୟକ ସନ୍ତାନ ଉତ୍ପାଦନ କରିବାକୁ ପ୍ରବୃନ୍ତ ହେବା ପରିବର୍ତ୍ତେ ସେଥିରେ ନିକଟ ଅତୀତରେ ହ୍ରାସ ଘଟାଇବା ଆରମ୍ଭ କରିବା ଦେଖାଯାଇଛି। ଏହାର ମୁଖ୍ୟ କାରଣ ହେଲା ଏକ ଉନ୍ନତ ଜୀବନଧାରଣର ମାନ ଉପଭୋଗ କରିବା ପଥରେ ସନ୍ତାନ ଲାଳନପାଳନ ଦାୟିତ୍ୱ ଦଂପତିମାନଙ୍କ ପାଇଁ ପ୍ରତିବନ୍ଧକ ରୂପେ ବିବେଚିତ ହୋଇଥାଏ। ଏହାର ଫଳସ୍ୱରୂପ ପୃଥିବୀବ୍ୟାପୀ 'ଟିଏଫ୍ଆରରେ ଯେଉଁଭଳି ସ୍ଖଳନ ଘଟିବାରେ ଲାଗିଛି ତାହାର ଚିତ୍ର ହେଉଛି ଏହିପରି: ଚୀନ- ୧, ଦକ୍ଷିଣ କୋରିଆ- ୦.୭୫, ଜାପାନ- ୧.୨, ଇଟାଲି- ୧.୧, ଜର୍ମାନୀ- ୧.୪, ଆମେରିକା- ୧.୬... ଭାରତ- ୧.୯। ଏ ସମସ୍ତ ଦେଶମାନଙ୍କରେ ବର୍ନମାନ ଜନସଂଖ୍ୟାରେ ହ୍ରାସ ଘଟି ଚାଲିବାର ବିପଦ ଦେଖାଦେଇଛି, ଯାହାର ଅନ୍ତିମ ପରିଣତି କିଭଳି ହୋଇପାରେ ସହଜେ ଅନୁମେୟ। ଚନ୍ଦ୍ରବାବୁ ନାଇଡୁଙ୍କର ଚିନ୍ତାର ବୃହତର କାରଣ ତେଣୁ ହୃଦୟଙ୍ଗମ କରିବା କଷ୍ଟକର ନୁହେଁ। କିନ୍ତୁ ତାଙ୍କ ରାଜ୍ୟର 'ଟିଏଫ୍ଆରରେ ଘଟୁଥିବା ଏହି ସ୍ଖଳନକୁ ପ୍ରତିହତ କରି ତାହାକୁ ଓଲଟାଇବା ଦିଗରେ ସେ ଆରମ୍ଭ କରିଥିବା ଉଦ୍ୟମ କେତେଦୂର ଫଳବତୀ ହେବ, ତାହା ସନ୍ଦେହଜନକ ମନେ ହୋଇଥାଏ। ଏ ବାବଦରେ ଚୀନର ଉଦାହରଣ ବିଶେଷ ପ୍ରଣିଧାନଯୋଗ୍ୟ ହୋଇଥାଏ। ପ୍ରାୟ ଏକ ଦଶନ୍ଧି ତଳେ ଚୀନ୍ ତା'ର ପ୍ରସିଦ୍ଧ 'ଗୋଟିଏ ସନ୍ତାନ' ନୀତି ପରିହାର କରି ତା'ଣ ନାଗରିକମାନଙ୍କୁ ଏକାଧିକ ସନ୍ତାନ ଉତ୍ପାଦନ କରିବାକୁ ଆହ୍ୱାନ ଦେବା ସହିତ ସେଥିପାଇଁ ଶିଶୁଯତ୍ନ ସେବାରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପର୍ଯ୍ୟନ୍ତ ପଦକ୍ଷେପମାନ ଗ୍ରହଣ କରିବା ଆରମ୍ଭ କଲା। ଏଇ ଉଦ୍ୟମର ଏକ ଭିନ୍ନ କିସମର ଅଂଶସ୍ୱରୂପ ଚଳିତ ବର୍ଷ ସେଠାରେ ସରକାର ଜନ୍ମ ନିରୋଧକ ସାମଗ୍ରୀମାନଙ୍କ ଉପରେ ମଧ୍ୟ ଟିକସ ବସାଇବା ଦେଖାଯାଇଛି। କିନ୍ତୁ ଏଥିସନ୍ତ୍ୱେ ଦଶ ବର୍ଷ ପରେ ସେଠାରେ 'ଟିଏଫ୍ଆର ଏବେ ଉପରେ ଦର୍ଶାଯାଇଥିବା ଭଳି ଏକ ହତାଶାଜନକ '୧' ସ୍ତର ଛୁଇଁଲାଣି।

# ବ୍ରିକ୍ସର ସଫଳତାରେ ଚିନ୍ତିତ ପଶ୍ଚିମବିଶ୍ୱ

**ସୌମେନ୍ଦ୍ର ଜେନା**

ବ୍ରିକ୍ସ ଯେତେବେଳେ ଆରମ୍ଭ ହୋଇଥିଲା ସେହି ସମୟରେ ଜି-୭ ପରି ବଡ ରାଷ୍ଟ୍ର ଗୋଷ୍ଠି ନାଟୋ ପରି ଗୋଷ୍ଠି ଏହି ଛୋଟ ସମୂହକୁ ଢେର ସମାଲୋଚନା କରିଥିଲେ । ଏହାକୁ ଦୁର୍ବଳ ରାଷ୍ଟ୍ରଗୁଡିକର କ୍ଲବ କହି ଉପହାସ କରିଥିଲେ । କିନ୍ତୁ ଏବେ ବ୍ରିକ୍ସ ବିଶ୍ୱର ସବୁଠୁ ଅଧିକ ସଶକ୍ତ, ସକ୍ରିୟ ଏବଂ ପ୍ରଭାବଶାଳୀ ଗୋଷ୍ଠି ଭାବେ ସମ୍ମୁଖକୁ ଆସିଛି । ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହାର ସଫଳ ବୈଠକ ତାର ପ୍ରମାଣ । କାରଣ ପୂର୍ବ ବୈଠକ କାଜାନଠାରେ ହୋଇଥିଲା ବେଳେ ରାଷ୍ଟ୍ରଗୁଡିକର ମତପାର୍ଥକ୍ୟ ଯୋଗୁ ମିଳିତ ଘୋଷଣାନାମା ପ୍ରକାଶ ପାଇପାରି ନଥିଲା, ଯାହା ନୂଆଦିଲ୍ଲୀଠାରେ ହୋଇଛି । ଏଠାରେ ଆଉ ଏକ ସଫଳତାର ବିଷୟ ହେଲା ଯୁଦ୍ଧର ଘନଘଟା ମଧ୍ୟରେ ଇରାନ-ସଂଯୁକ୍ତ ଆରବ ଅମିରାତ ପରି ଦୁଇ ଶତ୍ରୁରାଷ୍ଟ୍ରର ମୁହାଁମୁହିଁ ଆଲୋଚନା । ଭାରତ-ଚୀନ ପରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତି । ପଶ୍ଚିମବିଶ୍ୱର ବହୁରାଷ୍ଟ୍ରଙ୍କ ବିରୋଧ ଓ କଟକଣାକୁ ସାମ୍ନା କରିଆସିଥିବା ରୁଷିଆର ରାଷ୍ଟ୍ରପତିଙ୍କ ଏଠାରେ ଉପସ୍ଥିତି ଏବଂ ପୁତିନଙ୍କ ଜବରଦସ୍ତ ସ୍ୱାଗତ । ଇରାନର ରାଷ୍ଟ୍ରପତି ପେଜେସ୍କିୟାନଙ୍କ ହାତଧରି ମୋଦି ସ୍ୱାଗତ କରି ନେବା, ଦକ୍ଷିଣବିଶ୍ୱର ନେତାମାନଙ୍କୁ ଆଲୋଚନାରେ ସ୍ଥାନ ଓ ସମ୍ମାନ ଦେବା, ପଶ୍ଚିମବିଶ୍ୱର ଆର୍ଥିକ କଟକଣା ମଧ୍ୟରେ ବାଣିଜ୍ୟ ଏବଂ ଯୋଗାଣକୁ ଜାରି ରଖିବା ପାଇଁ ବିକଳ୍ପ ମାର୍ଗର ସନ୍ଧାନ କରିବା, ସମୁଦ୍ରପଥକୁ ବାଣିଜ୍ୟ ନିମନ୍ତେ ଉନ୍ମୁକ୍ତ ରଖିବା, ମୂଲ୍ୟବାନ ଖଣିଜ ସଂପଦର ଯୋଗାଣ ଉପରେ ଜୋରଦେବା ଆଦି ବିଷୟ ଉଲ୍ଲେଖନୀୟ ଥିଲା । ସେପ୍ଟେମ୍ବର ୧୨ ଓ ୧୩ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ବ୍ରିକ୍ସର ୧୮ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । "ନମନୀୟତା, ନବସର୍ଜନ, ସହଯୋଗ ଏବଂ ନିରନ୍ତରତା" ସଂପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଅନେକଗୁଡିଏ ରାଷ୍ଟ୍ରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ୧୨ ସେପ୍ଟେମ୍ବର ୨୦୨୬ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଏଥିରେ ବହୁପାକ୍ଷିକ ସ୍ୱାର୍ଥ, ବିଶ୍ୱଶାନ୍ତି, ବିଶ୍ୱର ସମୃଦ୍ଧି ବିଷୟରେ ଅନେକ ଭଲ ବିଚାର ସମସ୍ତଙ୍କ ସମ୍ମୁଖକୁ ଆସିଥିଲା । ଦୁଇ ଦଶନ୍ଧିର ଉଦ୍ୟମ ପରେ ନୂଆଦିଲ୍ଲୀଠାରେ ସବୁରାଷ୍ଟ୍ର ନିଜ ନିଜର କ୍ଷୁଦ୍ରସ୍ୱାର୍ଥକୁ ଭୁଲି ବିଶ୍ୱର ବୃହନ୍ନର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବାକୁ ଯେପରି ସଂକଳ୍ପବଦ୍ଧ ହେଲେ ତାହା ସବୁଠୁ ବଡକଥା । ଏକଦା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ କେନ୍ଦ୍ରକରି ଏହି ଗୋଷ୍ଠି ଆରମ୍ଭ ହୋଇଥିଲେ ହେଁ ପରବର୍ନ୍ତୀ ସମୟରେ ଏହା ୧୧ସଦସ୍ୟରାଷ୍ଟ୍ର ଏବଂ ୧୦ ସହଯୋଗୀ ରାଷ୍ଟ୍ରଙ୍କୁ ନିଜ ସହ ସାମିଲ କରିଛି । ୧୧ ପୂର୍ଣ୍ଣ ସଦସ୍ୟ ହେଲେ ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପଟ, ଇଥିଓପିଆ, ଇଣ୍ଡୋନେସିଆ, ୟୁଏଇ, ସାଉଦି ଆରବ ଏବଂ ଇରାନ। ସହଯୋଗୀ ରାଷ୍ଟ୍ରଗୁଡିକ ହେଲେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ,ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ । ବ୍ରିକ୍ସ -୨୦୨୬ର ବିଷୟ ଅନୁଯାୟୀ ନବସର୍ଜନକୁ ଅଧିକ ଜୋର ଦିଆଯାଇଥିଲା। ସଦସ୍ୟରାଷ୍ଟ୍ରଗୁଡିକ ଡିଜିଟାଲ ଡାଟାଂ ନିର୍ମାଣ, ଟେକ୍‌ନୋଲୋଜୀ କ୍ଷେତ୍ରରେ ନବାଗ୍ରର, ଆର୍ଥିକ କ୍ଷେତ୍ରରେ ଟେକ୍‌ନୋଲୋଜୀର ବ୍ୟବହାର, କୃତ୍ରିମ ବୁଦ୍ଧିମତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେମିତି ସମୃଦ୍ଧି ପାଇଁ ଆର୍ଥିକ ଶକ୍ତିବୃଦ୍ଧି, ବୈଶ୍ୱିକ ଅନିଶ୍ଚିତତାର ସମ୍ମୁଖୀନ ହେବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥାର ନିର୍ମାଣ, ଯୋଗାଣରେ ବ୍ୟାଘାତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନ ଏବଂ ପାଣିପାଗ ପରିବର୍ତନଜନିତ ସଂକଟର ସମ୍ମୁଖୀନ ହେବାକୁ ସଦସ୍ୟ ରାଷ୍ଟ୍ର ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ସହଯୋଗ ଦୃଷ୍ଟିରୁ ସଦସ୍ୟ ରାଷ୍ଟ୍ରଗୁଡିକୁ ନୀତି ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ, ବିକାଶ ପାଇଁ ଅର୍ଥ ଯୋଗାଣ, ବାଣିଜ୍ୟ ସୁବିଧା, ପ୍ରଶାସନିକ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର, ଲୋକ କୈନ୍ଦ୍ରିକ ସହଯୋଗ ବୃଦ୍ଧିପାଇଁ କୁହାଯାଇଥିଲା । ନିରନ୍ତର ବିକାଶ ପାଇଁ ଜଳବାୟୁ ପରିବର୍ତନ, ସବୁଜ ଅର୍ଥନୀତି,ଶକ୍ତିଗତ ଅସ୍ଥିରତାର ସମ୍ମୁଖୀନ ହେବାପାଇଁ ମିଳିତ ପ୍ରୟାସ ଉପରେ ଜୋର ଦିଆଯାଇଥିଲା । ଚଳିତବର୍ଷ ପ୍ରତୀକ ଚିହ୍ନ ସ୍ୱରୂପ ପ୍ରସ୍ଫୁଟିତ ପଦ୍ମଫୁଲକୁ ନିଆଯାଇଥିଲା, ଯାହା ପାଚଂଟି ପାଖୁଡା ଦର୍ଶାଉଥିଲା । ଏହି ପାଚଂଟି ପାଖୁଡା ବ୍ରିକ୍ସର ପ୍ରତିଷ୍ଠାତା ପାଚଂଟି ସଦସ୍ୟରାଷ୍ଟ୍ରଙ୍କୁ ବୁଝାଇଥାଏ । ପାଖୁଡାର ରଙ୍ଗ ଭିନ୍ନ ଭିନ୍ନ ହୋଇଥିଲେ ହେଁ ତାହା ସଦସ୍ୟ ରାଷ୍ଟ୍ରଗୁଡିକର ମିଳିତ ଶକ୍ତି ଓ ଏକତାକୁ ଦର୍ଶାଇଥାଏ । ବ୍ରିକ୍ସର ପରିଚୟ ମୂଳରେ ତିନୋଟି ମୁଖ୍ୟ ଆଧାର ରହିଛି ତାହା ହେଲା ରାଜନୈତିକ ଓ ସୁରକ୍ଷାଗତ ସହଯୋଗ, ଅର୍ଥ ଓ ଅର୍ଥନୀତିରେ ସହଯୋଗ, ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗ ବୃଦ୍ଧି । ସମନ୍ୱୟ, ମିଳିତ ବିକାଶ, ଆଲୋଚନା ହିଁ ପ୍ରକୃତ ବିକାଶର ସ୍ତମ୍ଭ ବୋଲି ଦର୍ଶାଯାଇଛି । ତେଣୁ ବ୍ରିକ୍ସ ୨୦୨୬ର ପ୍ରତୀକ ଭାରତୀୟ ସଂସ୍କୃତି, ଆଧାରିତ । ବ୍ରିକ୍ସର ଆଲୋଚନା ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜ ନିଜର ବାଣିଜ୍ୟିକ କାର୍ଯ୍ୟ କରିପାରିବେ ବୋଲି ସ୍ଥିର ହୋଇଥିଲା । ପୂର୍ବରୁ ଡଲାର ବିନିମୟରେ ଯେଉଁ ବ୍ୟବସାୟ ହେଉଥିଲା ଏବେ ତାହା ନକରି ସେମାନେ ନିଜ ନିଜର ଇଲେକଟ୍ରୋନିକ ଦେଣନେଣ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଉଚିତ ବିନିମୟ ମୁଦ୍ରା ଦେଇ ବାଣିଜ୍ୟ କରିପାରିବେ । ଏହା ହେଲେ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ସେଥିପାଇଁ ଏକ ବ୍ୟବସ୍ଥା ନିର୍ମାଣ ଉପରେ ସମସ୍ତେ ଜୋର ଦେଇଥିଲେ । ଏଥିମଧ୍ୟରୁ କେତେକ ଦେଶରେ ଭାରତର ୟୁପିଆଇ ପରି ସ୍ଥାନୀୟ ଦେଣ-ନେଣ ବ୍ୟବସ୍ଥା ରହିଛି । ସେଗୁଡିକୁ ପରସ୍ପର ମଧ୍ୟରେ ଯୋଡି ଦେଲେ ସୁବିଧା ହେବ ବୋଲି ମତପ୍ରକାଶ ପାଇଥିଲା । ବିଶ୍ୱର ୪୯.୫ ପ୍ରତିଶତ ଜନତା ବ୍ରିକ୍ସ ସଦସ୍ୟଙ୍କ ରାଷ୍ଟ୍ରରେ ଥିଲାବେଳେ ବିଶ୍ୱର ୨୬ପ୍ରତିଶତ ବାଣିଜ୍ୟ ଏହିସବୁ ଦେଶମାନଙ୍କ ହାତରେ ରହିଛି । ସଦସ୍ୟ ରାଷ୍ଟ୍ରଗୁଡିକର ମୋଟ ଜିଡିପି ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତ । ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଚ୍ଲିଥିବା ବେଳେ ବ୍ରିକ୍ସର ବିଦେଶମନ୍ତ୍ରୀମାନଙ୍କର ପ୍ରଥମ ବୈଠକ ନିଉୟର୍କଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଧିବଦ୍ଧ ଭାବେ ଏହାର ଉଦ୍‌ଘାଟନୀ ସମାରୋହ ୨୦୦୯ରେ ରୁଷିଆର ୟାକଟେରିନବର୍ଗଠାରେ ହୋଇଥିଲା । ୨୦୦୯ରେ ବ୍ରିକ ଭାବେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ ଏହି ଚ୍ରିଗୋଟି ଦେଶ ପ୍ରତିଷ୍ଠାତା ସଦସ୍ୟରାଷ୍ଟ୍ର ଭାବେ ସଂଗଠନକୁ ଆରମ୍ଭ କରିଥିଲେ। ଦ୍ୱିତୀୟ ବୈଠକ ୨୦୧୦ରେ ନିଉୟର୍କଠାରେ ବିଦେଶମନ୍ତ୍ରୀମାନଙ୍କର ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ସଂଗଠନରେ ସାମିଲ ହେବ ବୋଲି କୁହାଯାଉଥିଲେ ମଧ୍ୟ ୨୦୧୧ରେ ସାନୟାଠାରେ ଅନୁଷ୍ଠିତ ତୃତୀୟ ବ୍ରିକ୍ସ ବୈଠକରେ ଦକ୍ଷିଣ ଆଫ୍ରିକା ଯୋଗ ଦେବା ପରେ ଏହାର ନାମ ବ୍ରିକ୍ସ ହୋଇଥିଲା । ଜାନୁଆରୀ ୨୦୨୪ରୁ ପୂର୍ଣ୍ଣ ସଦସ୍ୟ ଭାବେ ଇଜିପଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇକୁ ଗ୍ରହଣ କରାଯାଇଥିଲା । ୨୦୨୫ରେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ଥାନ ଏବଂ ଭିଏତନାମ ଅଂଶୀଦାର ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଥିଲେ । ଚଳିତବର୍ଷ ବ୍ରିକ୍ସର ସଦସ୍ୟ ରାଷ୍ଟ୍ରମାନଙ୍କର ମନ୍ତ୍ରୀ, ସାଂସଦ, ଏଜେନ୍ସୀଗୁଡିକର ମୁଖ୍ୟ, ଅଫିସର, ବିଶେଷଜ୍ଞ, ବ୍ୟବସାୟୀ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରାୟ ୪୦୦ଟି ଭିନ୍ନ ଭିନ୍ନ ସଭା ଭାରତର ୩୦ଟି ପ୍ରମୁଖ ସହରରେ ବର୍ଷର ଅଲଗା ଅଲଗା ସମୟରେ ଆୟୋଜିତ ହୋଇଥିଲା । ଆଗାମୀ ଦିନରେ ବିକାଶଶୀଳ ଏବଂ କମ୍ ବିକଶିତ ରାଷ୍ଟ୍ରମାନଙ୍କୁ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ଏସିଆ ମହାଦେଶରୁ ପ୍ରତିନିଧିତ୍ୱ କରିବା ପାଇଁ ଏବଂ ବିଶ୍ୱର ନିଷ୍ପତିରେ ଅଂଶୀଦାର ହେବା ପାଇଁ ସୁଯୋଗ ଦିଆଯିବାକୁ ବ୍ରିକ୍ସ ପକ୍ଷରୁ ମତପ୍ରକାଶ ପାଇଥିଲା । ଜାତିସଂଘର ପୁନର୍ଗଠନ, ଅଧିକ ସଦସ୍ୟ ରାଷ୍ଟ୍ରକୁ ସୁଯୋଗ, ଭାରତକୁ ସ୍ଥାୟୀ ସଦସ୍ୟ ଭାବେ ସୁରକ୍ଷା ପରିଷଦରେ ଗ୍ରହଣ ଓ ଭେଟୋ ଅଧିକାର ପ୍ରଦାନ ପାଇଁ ସମସ୍ତେ ସମର୍ଥନ କରିଥିଲେ । ଜାତିସଂଘର ସେକ୍ରେଟାରୀ ଜେନେରାଲ ଭାବେ ଏ ପର୍ଯ୍ୟନ୍ତ କୌଣସି ମହିଳାଙ୍କୁ ସୁଯୋଗ ମିଳିନାହିଁ । ଲାଟିନ ଆମେରିକା ଏବଂ କାରବିୟାନ ରାଷ୍ଟ୍ରରୁ ଜଣେ ମାତ୍ର ଏବଂ ଆଫ୍ରିକା ଓ ଏସିଆରୁ ଜଣେ ଲେଖାଁଏ ଏପର୍ଯ୍ୟନ୍ତ ଏହି ପଦବୀର ଅଧିକାରୀ ହୋଇଛନ୍ତି । ଆଫ୍ରିକୀୟମାନଙ୍କୁ ସଂପୂର୍ଣ୍ଣ ଭାବେ କ୍ରୀତଦାସତ୍ୱରୁ ମୁକ୍ତ କରିବା ସହ ସେଠାରେ ଉପନିବେଶବାଦ ହଟାଇବାକୁ ଦାବି କରାଯାଇଥିଲା । ୨୦୨୩ରେ ଜୋହାନ୍ସବର୍ଗ ଠାରେ ନେତୃବୃନ୍ଦଙ୍କ ଘୋଷଣାନାମରେ ଜାତିସଂଘ ସୁରକ୍ଷା ପରିଷଦର ବିସ୍ତାର କରିବା ପାଇଁ ମତ ପ୍ରକାଶ ପାଇଥିଲା । ଦକ୍ଷିଣ ବିଶ୍ୱକୁ ଜାତିସଂଘ ସଂଗଠନରେ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେବାକୁ ସଦସ୍ୟରାଷ୍ଟ୍ରଗୁଡିକଏକମତ ହୋଇଥିଲେ । ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ସୁଦ୍ଧା ପୂରଣ ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର କାର୍ଯ୍ୟ କରୁଥିବା କଥା ପ୍ରକାଶ ପାଇଥିଲା । ଯାହା ଫଳରେ ଭୋକମୁକ୍ତ ବିଶ୍ୱ, ବିକଶିତ ବିଶ୍ୱ ଗଠନ କରାଯାଇପାରିବ । ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ୧୯୫୫ରେ ଆୟୋଜିତ ଏସିଆ- ଆଫ୍ରିକା ସମ୍ମିଳନୀରେ ଯେଉଁ ସ୍ୱାଧୀନତା, ସମାନତା, ହସ୍ତକ୍ଷେପବିହୀନତା, ପାରସ୍ପରିକ ଲାଭ ଉପରେ ଜୋର ଦେବାକୁ ଯାହା କୁହାଯାଇଥିଲା ତାହା ପାଳନ କରାଯିବାକୁ କୁହାଯାଇଛି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କରେ ସ୍ୱଚ୍ଛତା, ଯୋଗ୍ୟତା ଆଧାରିତ ପ୍ରତିନିଧିତ୍ୱ, ଉନ୍ନତ ପରିଚ୍ଳନା ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ବ୍ରିକ୍ସର ଘୋଷଣାନାମାରେ ବିଶ୍ୱବାଣିଜ୍ୟ ସଂଗଠନରେ ପ୍ରତିନିଧିତ୍ୱ ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ ଦୂରୀକରଣ ଏବଂ କ୍ରମବର୍ଦ୍ଧିଷ୍ଣୁ ବଜାର, ବିକାଶଶୀଳ ଅର୍ଥନୀତିକୁ ଜୋର ଦେବାପାଇଁ କୁହାଯାଇଛି । ଆର୍ଥିକ କଟକଣା ଲଗାଯିବା ଅଭ୍ୟାସକୁ ବିରୋଧ କରାଯିବାକୁ କୁହାଯାଇଛି । ଏହି ଘୋଷଣାନାମାରେ ସୁରକ୍ଷା ପାଇଁ ପାରସ୍ପରିକ ସହଯୋଗ ଏବଂ ଅସ୍ତ୍ରଯୋଗାଣ ବୃଦ୍ଧି ନୀତି ଯୋଗୁ ଆଗାମୀ ଦିନରେ ଆମେରିକା ଏବଂ ପଶ୍ଚିମବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକର ଅର୍ଥନୀତି ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ । ନାଟୋ ମେଟଂ ଏବଂ ରୁଷିଆ ମଧ୍ୟରେ ଯୋଗାଣଗତ ଦୂରତା ଯେତେ ବଢିବା ଆଗାମୀ ଦିନମାନଙ୍କର ସେତେ ଅସ୍ଥିରତା ସୃଷ୍ଟି ହେବ । ଦୁଇ ବୃହତଶକ୍ତି ଚୀନ ଓ ଭାରତ ଏବେ ରୁଷିଆ ସହ ରହିବା ଯୋଗୁ ଆମେରିକାର ଅର୍ଥନୀତି ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ । ତେଣୁ ଟ୍ରମ୍ପ ଟାରିଫ ଭୟ ଦେଖାଉଛନ୍ତି । ଏଣେ ଇରାନକୁ ବ୍ରିକ୍ସର ସମର୍ଥନ ମିଳିବା ଯୋଗୁ ସେ ଆମେରିକାର ସହଯୋଗୀ ଆରବ ରାଷ୍ଟ୍ରଗୁଡିକରେ ଅଧିକ କ୍ଷତି ଘଟାଇବ । ଅସ୍ତ୍ରଭଣ୍ଡାର ବଢାଇବା ଏବଂ ପ୍ରକୃତ ଯୁଦ୍ଧଭୂମିରେ ତା'ର ପ୍ରୟୋଗ ଯୋଗୁ ସଫଳତା ଲାଭ କରିବା ଦୁଇଟି ଭିନ୍ନ ବିଷୟ । ଆମେରିକା-ସାଉଦି ଆରବ ସଂପର୍କ ବୃଦ୍ଧି ଆଗାମୀ ଦିନରେ ଆରବ ଜଗତର ଅଧିକ କ୍ଷତି କରିବ । ଏଣେ ସ୍ଥାନୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ବ୍ୟବସାୟ ପାଶ୍ଚାତ୍ୟ ବିଶ୍ୱର ଡଲାର- ପାଉଣ୍ଡ ଗୁରୁତ୍ୱକୁ ହ୍ରାସ କରାଇବ । ସେହି ଲକ୍ଷ୍ୟରେ ଭାରତ ବହୁ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ଅନେକ ବିକଳ୍ପମାର୍ଗ ଖୋଲିବାରେ ଲାଗିଛି । ଅନ୍ୟମାନେ ମଧ୍ୟ ସେହି ମାର୍ଗରେ ରହିଛନ୍ତି । ଭାରତ ବ୍ରିକ୍ସରେ ଯୋଗଦେବା ପାଇଁ ଦୁଇ ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଓ ବଙ୍ଗଳାଦେଶକୁ ନିମନ୍ତ୍ରଣ ନଦେଇ ଠିକ୍ କରିଥିଲା । ସନ୍ତ୍ରାସବାଦ ବିରୋଧୀ ବିଷୟଟିକୁ ଘୋଷଣାପତ୍ର ମାଧ୍ୟମରେ ସାମିଲ କରିବା ଏଥିପାଇଁ ସହଜ ହୋଇଛି । ଏହି ଦୁଇରାଷ୍ଟ୍ର ଏବେ ଇସଲାମିକ ଜଗତରେ ସନ୍ତ୍ରାସବାଦୀଙ୍କ ପାଇଁ କାରଖାନା ଖୋଲିଛନ୍ତି । ଦେଶର ସରକାରଙ୍କ ନିରବ ସମର୍ଥନ ପାଇବା ଯୋଗୁ ସେମାନେ ନିଜର କାୟା ବାହାରେ ବିସ୍ତାର କରିବାକୁ ସୁଯୋଗ ପାଉଛନ୍ତି । କୂଟନୀତିକ ଦୃଷ୍ଟିରୁ ଦେଖିଲେ ଭାରତ ସବୁ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସହମତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ସହ ୨୦୨୦-୨୧ରେ ୨୦୩ ବିଲିଅନ ଡଲାରର ବ୍ୟବସାୟ କରିଥିଲା ବେଳେ ୨୦୨୫-୨୦୨୬ରେ ତାହା ୪୧୭ବିଲିଅନ ଡଲାରକୁ ଛୁଇଁଛି । ଭାରତ ଏହାକୁ ଆଦାମୀ ଦିନରେ ଢେର ଆଗକୁ ନେବ । ବିକାଶ, ବାଣିଜ୍ୟ, ଟେକ୍ନୋଲୋଜୀ ଉପରେ ଅଧିକ ଗୁରୁତ୍ୱାରୋପ କରି ଭାରତ ଏହି ସମ୍ମିଳନୀକୁ ସଫଳତା ଦିଗରେ ନେବାକୁ ସକ୍ଷମ ହୋଇପାରିଲା ଯେଉଁଥିପାଇଁ ପଶ୍ଚିମବିଶ୍ୱର ଏବେ ଚିନ୍ତା ବଢିଯାଇଛି । ଏକଦା ବ୍ରିକ୍ସକୁ ଗୁରୁତ୍ୱ ନ ଦେବାକୁ କହୁଥିବା ଲୋକେ ଏବେ ବ୍ରିକ୍ସର ସୁଦୃଢତା ଲକ୍ଷ୍ୟ କରି ଚିନ୍ତାରେ ପଡିଛନ୍ତି ।

# ସ୍ୱପ୍ନର ଦୌଡ଼



ଏଥରର ଏକ ମାତ୍ର ଲକ୍ଷ୍ୟ ଥିଲା ଆଗାମୀ ଲସ ଏଞ୍ଜେଲସ ଅଲଂପିକ୍‌ସ ଲାଗି ସ୍ଥାନ ସୁନିଶ୍ଚିତ କରିବା, ଯେଉଁଥି ଲାଗି ଏସିଆନ ଗେମ୍‌ସରେ ସ୍ୱର୍ଣ୍ଣ ପଦକ ଜିଣିବା ଅନିବାର୍ଯ୍ୟ ହୋଇଥାଏ। ଏହି ଦୁର୍ଲଂଘ୍ୟ କାମନା ଦ୍ୱାରା ପରିଚାଳିତ ହୋଇଥିବା ହେତୁ ୨୦୨୨ ମସିହାର ହକି ବିଶ୍ୱ କପ ଚାଂପିଅନ ତଥା ପୃଥିବୀର ଚତୁର୍ଥ ସର୍ବାଧିକ ଶକ୍ତିଶାଳୀ ଦଳ ଚୀନକୁ ପରାଜିତ କରିବାରେ ଭାରତୀୟ ମହିଳା ହକି ଦଳ ସମର୍ଥ ହୋଇଛି। ଜାପାନର ନଗୋୟାଠାରେ ଆୟୋଜିତ ବିଂଶତମ ଏସିଆନ ଗେମ୍‌ସ-୨୦୨୬, ଗତ କାଲି ଉଦ୍‌ଯାପିତ ହୋଇଯାଇଛି। ପଦକ ସଂଖ୍ୟା ଦୃଷ୍ଟିରୁ, ଯଦିଓ, ଭାରତୀୟ ଖେଳାଳିମାନଙ୍କ ଏଥରର ପ୍ରଦର୍ଶନ ପୂର୍ବ ଥରର ଅର୍ଥାତ୍ ୨୦୨୨ ମସିହାର, ହାଙ୍ଗଝୁ ଏସିଆନ ଗେମ୍‌ସର ଫଳାଫଳକୁ ଦୋହରାଇବା କି ଅତିକ୍ରମ କରିବାରେ ସଫଳ ହୋଇ ପାରିନାହିଁ, ତଥାପି ସ୍ଥିତିକୁ ହତାଶାଜନକ ବୋଲି କୁହାଯାଇ ନ ପାରେ। ୨୦୨୨ ମସିହାରେ, ଭାରତକୁ ମିଳିଥିବା ମୋଟ ପଦକ ସଂଖ୍ୟା ଥିଲା ୧୦୭, ଯାହା ମଧ୍ୟ ଏକ ରେକର୍ଡ, ଯହିଁରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକର ସଂଖ୍ୟା ଥିଲା ଯଥାକ୍ରମେ ୨୮ ଓ ୩୮। ଚଳିତ ବର୍ଷ ମୋଟ ପଦକ ସଂଖ୍ୟା ହେଉଛି ୮୫, ଯହିଁରେ ସ୍ୱର୍ଣ୍ଣ ଓ ରେ ?ପ୍ୟ ପଦକ ହେଉଛନ୍ତି ୨୧ ଓ ୨୭। ଉଲ୍ଲେଖଯୋଗ୍ୟ ଯେ ପଦକ ସଂଖ୍ୟାରେ ହ୍ରାସ ଘଟିଥିଲେ ହେଁ ଶ୍ରେଷ୍ଠତ୍ୱ ତାଲିକାରେ ୨୦୨୨ ମସିହାର ଚତୁର୍ଥ ସ୍ଥାନକୁ ଏ ଥର ଅକ୍ଷୁଣ୍ଣ ରଖିବାରେ ମଧ୍ୟ ଭାରତ ସମର୍ଥ ହୋଇଛି। କେବଳ ସେତିକି ନୁହେଁ, ସବୁ ବୃହଦାକାୟ କ୍ରୀଡ଼ା ଟୁର୍ନାମେଟଂରେ ସୃଷ୍ଟି ହେଉଥିବା ରେକର୍ଡ, କିଂବଦନ୍ତି ଓ କାହାଣୀଗୁଡ଼ିକ ଭଳି ଏହି ଏସିଆନ ଗେମ୍‌ସରେ ମଧ୍ୟ ଘଟିଛି ! ସେ ସବୁ ମଧ୍ୟରୁ ଯେଉଁ ଦୁଇଟିକୁ ନେଇ ଏଠାରେ ଆଲୋଚନା ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଇଛି, ତାହା ହେଲା ମହିଳା ୪ଘ୪୦୦ ମିଟର ରିଲେ ଦୌଡ଼ ଏବଂ ମହିଳା ହକି। ଉପରୋକ୍ତ ଦୁଇଟି ସ୍ୱର୍ଦ୍ଧାରେ ଯେଉଁ ବିଶେଷତ୍ୱ ଏଥର ଦେଖିବାକୁ ମିଳିଛି, ତାହା ହେଲା ୧୯୮୨ ମସିହାରେ, ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ଏସିଆଡ୍‌ରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ, ଦୀର୍ଘ ୪୬ ବର୍ଷର ଅବଧିରେ, ସମସ୍ତ ୧୨ଟି ଯାକ ଏସିଆନ ଗେମ୍‌ସରେ, ୪ଘ୪୦୦ ମିଟର ରିଲେ ଦୌଡ଼ରେ ପଦକ (୭ଟି ସ୍ୱର୍ଣ୍ଣ ଏବଂ ୫ଟି ରୌପ୍ୟ) ଜିଣି ଭାରତୀୟ ମହିଳା ଦଳ ଏକ ଅନିର୍ବଚନୀୟ ପରଂପରା ପ୍ରତିଷ୍ଠା କରିଥିବା ବେଳେ ୧୯୮୨ ଏସିଆଡ୍ ପରଠାରୁ ଏ ଯାବତ୍ ସ୍ୱର୍ଣ୍ଣ ପଦକଟିଏ ଜିଣି ପାରି ନ ଥିବା ମହିଳା ହକି ଦଳ ଏଥର ତାହା ଜିଣି ଦୀର୍ଘ ୪୬ ବର୍ଷର ଦୁର୍ଭିକ୍ଷରେ ଅବସାନ ଘଟାଇଛନ୍ତି। କେବଳ ସେତିକି ନୁହେଁ, ଭାରତୀୟ ମହିଳା ହକି ଖେଳାଳିମାନଙ୍କ ପ୍ରଦର୍ଶନ ଦେଖି ଅନେକ କ୍ରୀଡ଼ା ବିଶେଷଜ୍ଞ ଅନୁମାନ କରନ୍ତି ଯେ ହୁଏତ ରିଲେ ଦଳ ଭଳି ମହିଳା ହକି ଦଳ ଏହା ପରଠାରୁ ଏକ ସ୍ୱର୍ଣ୍ଣିମ ପରଂପରା ସ୍ଥାପନ କରି ପାରନ୍ତି। କୌଣସି କ୍ରୀଡ଼ାରେ ସାଫଲ୍ୟ ଦ୍ୱାରା କିଭଳି ଉତ୍କର୍ଷର ପରଂପରା ସୃଷ୍ଟି ହୋଇଥାଏ, ତାହାର ଅସଂଖ୍ୟ ଦୃଷ୍ଟାନ୍ତ ବିଦ୍ୟମାନ; ଯେମିତି ୧୯୮୩ ମସିହାରେ କ୍ରିକେଟ୍ ବିଶ୍ୱକପ ଜିଣିବା ପରେ କ୍ରିକେଟ୍ ମହାଶକ୍ତି ରୂପେ ଭାରତର ଅଭ୍ୟୁଦୟ ବା ସପ୍ତମ ଦଶକ ପର୍ଯ୍ୟନ୍ତ ଭାସ୍ୱର ଥିବା ଭାରତୀୟ ହକିର ଉଜ୍ଜ୍ୱଳ ପରଂପରା ! ସଂପ୍ରତି ଦ୍ରୁତ ଗତିର ଦୌଡ଼ରେ ଜାମାଇକା ଓ ଦୀର୍ଘ ଦୂରତାର ଦୌଡ଼ରେ କେନିଆ ସମେତ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ଦକ୍ଷତା ଓ ସାମର୍ଥ୍ୟର ଯେଉଁ ପରଂପରା ସ୍ଥାପନ କରିଛନ୍ତି, ତାହା ସୁବିଦିତ। ପ୍ରକାଶ ଥାଉ କି ୪୦୦ ମିଟର ଦୌଡ଼ ବିଭାଗରେ, ୧୯୭୦ ମସିହାରେ, ବ୍ୟାଂକକ ଏସିଆନ ଗେମ୍‌ସରେ ସ୍ୱର୍ଣ୍ଣ ପଦକ ଜିଣିଥିବା କମଳଜିତ ସାନ୍ଧୁଙ୍କଠାରୁ ଆରମ୍ଭ କରି କିଂବଦନ୍ତୀୟ ପି.ଟି. ଉଷା ଓ ତାଙ୍କ ସତୀର୍ଥ ସାଇନୀ ଆବ୍ରାହାମ ଏବଂ ପରେ ଏମ.ଡି. ବାଲସମା ଆଦିଙ୍କ ଦେଇ ଆଜିର ଏମ.ଆର. ପୁବାମା ଓ ବିଥ୍ୟା ରାମରାଜ ଆଦିଙ୍କ ପର୍ଯ୍ୟନ୍ତ ଅତ୍ୟନ୍ତ ପାରଦର୍ଶୀ ଧାବିକାମାନଙ୍କ ଉଦୟ ହେତୁ ଯେଉଁ ଦୃଶ୍ୟପଟ ସୃଷ୍ଟି ହୋଇଛି, ସେଥିରେ ୪ଘ୪୦୦ ମିଟର ରିଲେ ଦୌଡ଼ର ସଫଳତା ସ୍ୱାଭାବିକ ଭଳି ମନେ ହୋଇଥାଏ। ଏଥିରେ ମଧ୍ୟ ଦ୍ୱିରୁକ୍ତି ନାହିଁ ଯେ ବର୍ତ୍ତମାନର ଭାରତୀୟ ମହିଳା ହକି ଦଳ ହେଉଛି ଏକ ଶକ୍ତିଶାଳୀ ଦଳ, ଯାହା ସମ୍ଭବ ହୋଇଛି ଦେଶର ବିଭିନ୍ନ ପ୍ରାନ୍ତରେ ସୃଷ୍ଟି ହେଉଥିବା ଅନେକ ହକି ପ୍ରତିଭାଙ୍କ ଯୋଗୁଁ। କହିବା ଅନାବଶ୍ୟକ ଯେ ଏହି ଏସିଆନ ଗେମ୍‌ସର ବିଜୟ ଦ୍ୱାରା ଅନୁପ୍ରାଣିତ ହୋଇ ଅଧିକ ସଂଖ୍ୟକ ଉତ୍କୃଷ୍ଟ ହକି ପ୍ରତିଭା ମୈଦାନକୁ ଓହ୍ଲାଇବେ ଓ ଏକ ପରଂପରା ସୃଷ୍ଟି ଲାଗି ଦିଗନ୍ତ ଉନ୍ମୋଚିତ ହେବ ! ଏହି ଏସିଆନ ଗେମ୍‌ସର ପରିସମାପ୍ତି ପରେ ଏହି ସ୍ତମ୍ଭରେ, ଉପରୋକ୍ତ ଦୁଇଟି ସ୍ୱର୍ଦ୍ଧାରୁ ତିନି ଜଣ ଖେଳାଳିଙ୍କ ସଂପର୍କରେ ଏକ କ୍ଷୁଦ୍ର ଆଲୋଚନା କରାଯାଉ, ଯହିଁରେ ସାମର୍ଥ୍ୟ ଅତିକ୍ରମୀ ଦୃଢ଼ ମନୋବଳ ବିଷୟ ସ୍ପଷ୍ଟ ହୋଇଥାଏ। ଏହି କ୍ରମରେ ପ୍ରଥମେ ଆସନ୍ତି ବିଥ୍ୟା ରାମରାଜ, ଯିଏ ଏହି ଏସିଆନ ଗେମ୍‌ସରେ ତିନିଟି ବିଭାଗରେ ଯୋଗ ଦେଇ କାଂସ୍ୟ, ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। କେବଳ ସେତିକି ନୁହେଁ, ୪୦୦ ମିଟର ହର୍ଡଲ୍‌ସରେ ସେ ପି.ଟି. ଉଷାଙ୍କ ଦ୍ୱାରା ସ୍ଥାପିତ ଦୀର୍ଘ ୪୨ ବର୍ଷର କୀର୍ତ୍ତିମାନ (୫୫.୪୨ ସେକଣ୍ଡ)କୁ ଅତିକ୍ରମ କରିଯାଇଛନ୍ତି। କୋଇମ୍ବାଟୁରର ଜଣେ ଟ୍ରକ ଚାଳକଙ୍କ କନ୍ୟା ରୂପେ ଉତ୍କଟ ଦାରିଦ୍ର୍ୟ ଭିତରେ ପ୍ରତିପାଳିତ ବିଥ୍ୟା ରାମରାଜ ହେଉଛନ୍ତି ସେହି ଦୃଷ୍ଟାନ୍ତ, ଯାହା ଦର୍ଶାଇଥାଏ କିଭଳି ପ୍ରତିଭାର ସ୍ଫୁଲିଙ୍ଗ, ପରିବାରର ଅକୁଣ୍ଠ ଓ ଅପୂର୍ବ ସହଯୋଗରେ, ଏକ ତାରକାରେ ପରିଣତ ହୋଇପାରେ ! ଏହି ରିଲେ ଦଳର ଆଉ ଜଣେ ସଦସ୍ୟ ହେଉଛନ୍ତି ୩୬ ବର୍ଷ ବୟସ୍କା ଏମ.ଆର. ପୁବାମା, ଯିଏ ସମ୍ଭବତଃ ଏସିଆନ ଗେମ୍‌ସର କୌଣସି ଦୌଡ଼ ପ୍ରତିଯୋଗିତାରେ ପଦକ ଜିଣିଥିବା ସର୍ବାଧିକ ବୟସ୍କ ଭାରତୀୟ ଆଥଲେଟ। ପ୍ରକାଶ ଥାଉ କି ୨୦୨୨ ମସିହାରେ ତାଙ୍କୁ ଦୁଇ ବର୍ଷ ସକାଶେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରୁ ବାସନ୍ଦ କରାଯାଇଥିଲା, କାରଣ ତାଙ୍କ ମୂତ୍ର ବା ରକ୍ତ ନମୁନାରେ କୌଣସି ନିଷିଦ୍ଧ ଦ୍ରବ୍ୟର ଅଂଶ ଆବିଷ୍କୃତ ହୋଇଥିଲା। ଅବଶ୍ୟ, ପୁବାମା, ସେତେବେଳେ କହିଥିଲେ ଯେ ତାଙ୍କ ଅଜାଣତରେ, କୌଣସି ଏକ ଔଷଧ ଖାଇବା କାରଣରୁ ଏଭଳି ଘଟିଛି। ତେବେ, ସେ ଯାହା ହେଉ, ଗଭୀର ହତାଶା, ବିମର୍ଷବୋଧ, ତୀବ୍ର ମାନସିକ ଅବସାଦ ଓ ଅତିକ୍ରାନ୍ତ ହୋଇ ଚାଲିଥିବା ବୟସ ସତ୍ତ୍ୱେ ପୁବାମାଙ୍କ ପୁନରଭ୍ୟୁତ୍‌ଥାନ ସୁନିଶ୍ଚିତ ଭାବେ ଉଦାହରଣୀୟ ହୋଇଥାଏ। ଏବଂ ତୃତୀୟ ଜଣକ ହେଉଛନ୍ତି ସବିତା ପୁନିୟାଁ, ଯିଏ ଚାରିଟି ଏସିଆନ ଗେମ୍‌ସରେ ଭାରତୀୟ ହକି ଦଳର ସଦସ୍ୟ ଭାବେ ସର୍ବାଧିକ ଅଭିଜ୍ଞ ଖେଳାଳି ଏବଂ ଯିଏ ଏହି ଟୁର୍ନାମେଟସର ଫାଇନାଲ ମ୍ୟାଚରେ ପେନାଲ୍‌ଟି ଷ୍ଟ୍ରୋକ୍‌ଟିଏ ଅଟକାଇ ଦେଇ ଭାରତକୁ ଚୀନ ବିପକ୍ଷରେ ନିର୍ଣ୍ଣାୟକ ୧-୦ ଗୋଲରେ ବିଜୟୀ କରିଛନ୍ତି। ପ୍ରକାଶ ଥାଉ କି ହକିରେ ପେନାଲ୍‌ଟି ଷ୍ଟ୍ରୋକକୁ ଅଟକାଇବାର ସଫଳତା ମାତ୍ର ୧% ସ୍ଥଳେ ପ୍ରାପ୍ତ ହୋଇଥାଏ। ଏହା ସହିତ ପୂର୍ବରୁ ଜିଣିଥିବା କାଂସ୍ୟ ଓ ରୌପ୍ୟ ପଦକ ସହିତ ସ୍ୱର୍ଣ୍ଣ ପଦକଟିଏ ଯୋଡ଼ି ହୋଇଯାଇ ସବିତାଙ୍କ ଦୀର୍ଘ ଯାତ୍ରାକୁ ପୂର୍ଣ୍ଣତା ପ୍ରଦାନ କରିଛି। ସ୍ୱପ୍ନ ସଂଚାର ଏବଂ ତାକୁ ଚରିତାର୍ଥ କରିବାର ଦୃଢ଼ ପ୍ରତିଜ୍ଞା କିଭଳି ସଫଳତା ଆଣି ଦେଇଥାଏ ସେ ସଂଦର୍ଭରେ, ଏକ ସାକ୍ଷାତ୍‌କାର ସମୟରେ, ସବିତା ପୁନିୟାଁ ଏକ ସୁନ୍ଦର ଉଦାହରଣ ଦେଇ କହିଛନ୍ତି ଯେ ଗଲା ୨୦୨୨ ଏସିଆନ ଗେମ୍‌ସ ସମୟରେ ଦଳର ଲକ୍ଷ୍ୟ ଥିଲା କୌଣସିମତେ ଫାଇନାଲ ଖେଳିବା, ଯାହା ସେମାନଙ୍କୁ କାଂସ୍ୟ ପଦକଟିଏ ପାଇବା ପର୍ଯ୍ୟନ୍ତ ଘେନି ଯାଇଥିଲା। କିନ୍ତୁ ଏଥରର ଏକ ମାତ୍ର ଲକ୍ଷ୍ୟ ଥିଲା ଆଗାମୀ ଲସ ଏଞ୍ଜେଲସ ଅଲଂପିକ୍‌ସ ଲାଗି ସ୍ଥାନ ସୁନିଶ୍ଚିତ କରିବା, ଯେଉଁଥି ଲାଗି ଏସିଆନ ଗେମ୍ ?ସରେ ସ୍ୱର୍ଣ୍ଣ ପଦକ ଜିଣିବା ଅନିବାର୍ଯ୍ୟ ହୋଇଥାଏ। ଏହି ଦୁର୍ଲଂଘ୍ୟ କାମନା ଦ୍ୱାରା ପରିଚାଳିତ ହୋଇଥିବା ହେତୁ ୨୦୨୨ ମସିହାର ହକି ବିଶ୍ୱ କପ ଚାଂପିଅନ ତଥା ପୃଥିବୀର ଚତୁର୍ଥ ସର୍ବାଧିକ ଶକ୍ତିଶାଳୀ ଦଳ ଚୀନକୁ ପରାଜିତ କରିବାରେ ଭାରତୀୟ ମହିଳା ହକି ଦଳ ସମର୍ଥ ହୋଇଛି। କୁହାଯାଇ ନ ଥାଏ କି ଯାହା ଜଣେ ନିବିଷ୍ଟ ଭାବେ ଚାହେଁ, ତାହା ତାକୁ ପ୍ରାପ୍ତ ହେଉ ବୋଲି ସବୁ ଲୌକିକ ଓ ପାରଲୌକିକ ଶକ୍ତି ଏକଜୁଟ ହୋଇଯାଆନ୍ତି ! ବୋଧହୁଏ ସେଭଳି କିଛି ଘଟିଛି, ଯେଉଁଥି ଲାଗି ଏହି 'ଡ୍ରିମ ରନ' ବା ସ୍ୱପ୍ନର ଦୌଡ଼ ସମ୍ଭବ ହୋଇଛି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003




# ଡକାୟତି ଯୋଜନା ପଣ୍ଡ : ରାଉରକେଲା ପୋଲିସ୍ ଦ୍ୱାରା ୫ ଅଭିଯୁକ୍ତ ଗିରଫ



ରାଉରକେଲା,୯/୧୦(ନି/ପ୍ର): ବୁଧବାର ଭୋର ୪ଟା ୩୦ ସମୟରେ ରାଉରକେଲା ପୋଲିସ୍ ଜିଲ୍ଲାର ଝିରପାଣି ଥାନା ଅଂଚଳରେ ଡକାୟତି କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଝିରପାଣି ପୋଲିସ୍ ପକ୍ଷରୁ ଏକ ଡକାୟତି ଦଳର ୫ ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ସୂଚନା ଅନୁସାରେ ତା ୮.୧୦.୨୦୨୬ ରିଖ ସକାଳ ପ୍ରାୟ ୪ଟା ୩୦ ସମୟରେ, ଝିରପାଣି ଥାନା ପକ୍ଷରୁ ରାତ୍ରି ପେଟ୍ରୋଲିଂ କରାଯାଉଥିବା ସମୟରେ ଝିରପାଣି ଥାନାର ଏସ୍ଆଇ ଦୁଲାଲ ସୋରେନ ବିଶ୍ୱସ୍ତ ସୂଚନା ପାଇଲେ ଯେ, ଝିରପାଣି କ୍ଷେତ ନିକଟରେ ୫ରୁ ୬ ଜଣ ସଶସ୍ତ୍ର ବ୍ୟକ୍ତି ଏକ ଅଳଙ୍କାର ଦୋକାନ ସମେତ ପେଟ୍ରୋଲ ପମ୍ପ ଏବଂ ବ୍ୟବସାୟୀଙ୍କ ଘରେ ଡକାୟତି କରିବାକୁ ପ୍ରସ୍ତୁତ ହୋଇ ଏକତ୍ରିତ ହୋଇଛନ୍ତି। ଏହି ସୂଚନା ପାଇ ସେ ଅନ୍ୟାନ୍ୟ ପୋଲିସ୍ କର୍ମଚାରୀଙ୍କ ସହିତ ସେଠାରେ ଚଢାଉ କରିଥିଲେ ଏବଂ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ସେମାନେ ହେଲେ ଅଭିଯୁକ୍ତ ସୁଧୀର ସାଣ୍ଡେଲ, ରାହୁଲ ସିକା ଏବଂ କେଶବ ନାଗ ଓରଫ୍ ଗୋଡ୍ଡୁ। ସେହିସମୟରେ ଅନ୍ୟ ଦୁଇଜଣ ପ୍ରଥମେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଚଢାଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ବିଲହୁକ୍ (କଟୁରୀ), ଗୋଟିଏ ସ୍କ୍ରୁ-ଡ୍ରାଇଭର, ଗୋଟିଏ ପ୍ଲାସ୍, ଗୋଟିଏ ରୋଷେଇ ଛୁରୀ, ୨ଟି ଟର୍ଚ୍ଚ ଲାଇଟ୍, ୩ ପ୍ୟାକେଟ୍ ସିଗାରେଟ୍, ଗାମୁଛା ଏବଂ ମାସ୍କ ଜବତ୍ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ଡକାୟତି ପାଇଁ ପ୍ରସ୍ତୁତି ପାଇଁ ସେଠାରେ ଏକାଠି ହୋଇଥିବା ପ୍ରକାଶ କରିଥିଲେ ଏବଂ ସେମାନଙ୍କ ଦୁଇ ସହଯୋଗୀ, ବ୍ରଜ ସୁନ୍ଦର ସେଠି ଓରଫ୍ ବାପି ଏବଂ ଅନିଲ ମୁଖୀଙ୍କ ପରିଚୟ ମଧ୍ୟ ପ୍ରକାଶ କରିଥିଲେ। ଖସିଯାଇଥିବା ୨ ଅଭିଯୁକ୍ତଙ୍କୁ ପରେ ଏହି ମାମଲାରେ ଗିରଫ କରାଯାଇଛି।ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାଉରକେଲା ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ନୂଆବଜାର ଭବାନୀପୁରର ସୁଧୀର ସାଣ୍ଡେଲ(୩୭), ରାଉରକେଲା ସେକ୍ଟର-୩ ଥାନା ଅଧିନସ୍ଥ ସେକ୍ଟର-୨ ଏନ୍ଏସି ମାର୍କେଟ ହନୁମାନ ଗଳିର ରାହୁଲ ସିକା (୨୩), ରାଉରକେଲା ସେକ୍ଟର-୩ ଥାନା ଅଧିନସ୍ଥ ବଲାଙ୍ଗୀର ବସ୍ତିର କେଶବ ନାଗ ଓରଫ୍ ଗୋଡ୍ଡୁ, ରାଉରକେଲା ସେକ୍ଟର-୩ ଥାନା ଅଧିନସ୍ଥ ସେକ୍ଟର-୧ କଲ୍ୟାଣୀ ବସ୍ତିର ବ୍ରଜ ସୁନ୍ଦର ସେଠୀ ଓରଫ୍ ବାପି (୩୪) ଏବଂ ପଂଚମ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ନୟାବଜାର ଭବାନୀପୁର ଉନ୍ନମବସ୍ତିର ଅନିଲ ମୁଖୀ(୩୨)। ଘଟଣାସ୍ଥଳରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ବିଲହୁକ୍, ଗୋଟିଏ ସ୍କ୍ରୁଡ୍ରାଇଭର ଏବଂ ଗୋଟିଏ ପ୍ଲାସ୍, ତିନି ପ୍ୟାକେଟ ସିଗାରେଟ୍, ଗାମୁଛା ଦୁଇଟି, ୦୫ଟି ମାସ୍କ ଜବତ୍ କରାଯାଇଥିଲା। ସୁଧୀର ସାଣ୍ଡେଲଙ୍କ ଠାରୁ ଗୋଟିଏ ଟର୍ଚ୍ଚ ଲାଇଟ୍ ଏବଂ ଛୁରୀ। ସେହିପରି ଅଭିଯୁକ୍ତ ରାହୁଲ ଶିଖଙ୍କ ଠାରୁ ଗୋଟିଏ ଛୋଟ ପକେଟ୍ ଟର୍ଚ୍ଚ ମଧ୍ୟ ଜବତ କରାଯାଇଛି। ସୁଧୀର ସାମଲ ନାମରେ ପୂର୍ବରୁ ପ୍ଲାଂଟସାଇଟ୍ ଥାନାରେ ୩ଟି ଏବଂ ସେକ୍ଟର-୩ ଥାନାରେ ୩ଟି ମାମଲା ରହିଛି। ସେହିପରି ରାହୁଲ ସିକା ନାମରେ ପୂର୍ବରୁ ସେକ୍ଟର-୩ ଥାନାରେ ୩ଟି ମାମଲା ରହିଛି। କେଶବ ନାଗ ନାମରେ ପୂର୍ବରୁ ପ୍ଲାଂଟସାଇଟ୍ ଥାନାରେ ଗୋଟିଏ ଏବଂ ସେକ୍ଟର-୩ ଥାନାରେ ୨ଟି ମାମଲା ରହିଛି। ବ୍ରଜସୁନ୍ଦର ସେଠୀ ଓରଫ୍ ବାପି ନାମରେ ପୂର୍ବରୁ ଝିରପାଣି ଥାନାରେ ଗୋଟିଏ ଏବଂ ସେକ୍ଟର-୭ ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ଅନୀଲ ମୁଖି ନାମରେ ପୂର୍ବରୁ ପ୍ଲାଂଟସାଇଟ୍ ଥାନାରେ ୩ଟି ମାମଲା ରହିଛି। ଏହି ଘଟଣାରେ ଝିରପାଣି ଥାନାରେ ମାମଲା ନଂ. ୨୦୩ ତାରିଖ ୦୮.୧୦.୨୦୨୬ରେ ଧାରା ୩୧୦(୪)/୩୧୦(୫) ବିଏନ୍ଏସ୍ ଆରଡବ୍ଲୁ ଧାରାରେ ୨୫(୧ବି)(ଖ) ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗ : ଏସିଏଫଙ୍କ ଘରେ ଭିଜିଲାନ୍ସ ଚଢ଼ାଉ





ସୁନ୍ଦରଗଡ଼,୯/୧୦(ନି/ପ୍ର): ମୃତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ଓ ଉପନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ ଘରେ ଭିଜିଲାନ୍ସ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଆଜି ଭୋର ସକାଳୁ ଚଢ଼ାଉ କରିଛନ୍ତି। ପ୍ରାଥମିକ ସୂଚନା ଅନୁସାରେ ଶ୍ରୀ ପାତ୍ରଙ୍କର ବିଭିନ୍ନ ଠିକଣାରେ ଭିଜିଲାନ୍ସ ବିଭାଗ ଏହି ଚଢ଼ାଉ କରିଛି। ଏଥିରେ ସୁନ୍ଦରଗଡ଼ ଆବାସିକ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଅଫିସ, ପୈତୃକ ବାସଭବନ ସହ ଭୁବନେଶ୍ୱରରେ ଥିବା ୩ଟି ଫ୍ଲାଟ ମଧ୍ୟ ସାମିଲ ଅଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି, ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ର ମୃତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରୋଜେକ୍ଟ ଡାଇରେକ୍ଟର ପ୍ରସନ୍ନ କୁମାର ପାତ୍ରଙ୍କ ବିରୁଦ୍ଧରେ ସୁନ୍ଦରଗଡ଼ର ୱାଟରସେଡ୍ ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ), ସୁନ୍ଦରଗଡ଼ଙ୍କ ଦ୍ୱାରା ଜାରି ସର୍ଚ୍ଚୱାରେଂଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି। ଏହି ଅଭିଯାନରେ ଜଣେ ଅତିରିକ୍ତ ଏସ୍ପି, ୪ ଜଣ ଡିଏସ୍ପି, ୧୩ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି। ଭୁବନେଶ୍ୱର, ସୁନ୍ଦରଗଡ଼ ଏବଂ କଟକସ୍ଥିତ ନିମ୍ନଲିଖିତ ୮ଟି ସ୍ଥାନରେ ଏହି ଚଢ଼ଉ ଚାଲିଛି।

# ବିପିୟୁଟି ହାକାଥନ ୨୦୨୬ର ତୃତୀୟ ସଂସ୍କରଣ



ରାଉରକେଲା,୯/୧୦(ନି/ପ୍ର): ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର (ବିପିୟୁଟି) ପ୍ରମୁଖ ଅଭିନବତା ଏବଂ ପ୍ରଯୁକ୍ତିବିଦ୍ୟା ପଦକ୍ଷେପ 'ବିପିୟୁଟି ହାକାଥନ୍ ୨୦୨୬' ର ତୃତୀୟ ସଂସ୍କରଣ, ଅକ୍ଟୋବର ୮, ୨୦୨୬ରେ ଏହାର ମଧ୍ୟ-ସ୍ତରୀୟ ଆଂଚଳିକ ମୂଲ୍ୟାୟନ ପର୍ଯ୍ୟାୟରେ ପ୍ରବେଶ କରିଛି। ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଦ୍ୱାରା ମଧ୍ୟ-ସ୍ତରୀୟ ମୂଲ୍ୟାୟନ ପୋର୍ଟାଲକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବା ସହ କାର୍ଯ୍ୟକ୍ଷମ କରାଯାଇଛି। ଚଳିତ ବର୍ଷ ଏହି ହାକାଥନ୍‌ରେ ରେକର୍ଡ ସଂଖ୍ୟକ ଅଂଶଗ୍ରହଣ ଦେଖିବାକୁ ମିଳିଛି। ଏଥିରେ ୭୧୮ଟି ଦଳର ୩,୮୫୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି, ଯାହା ପୂର୍ବ ସଂସ୍କରଣ ତୁଳନାରେ ୪୧.୯% ବୃଦ୍ଧି ଦର୍ଶାଉଛି। ବିପିୟୁଟି ହାକାଥନ୍ ୨୦୨୬, ଅଗଷ୍ଟ ୩୧, ୨୦୨୬ ରେ ବିପିୟୁଟିର ମାନ୍ୟବର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା, ଏହି ଅବସରରେ ଆନୁଷ୍ଠାନିକ ହାକାଥନ୍ ୱେବସାଇଟ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନ ପରେ, ପ୍ରତ୍ୟେକ ସମସ୍ୟା ବିବରଣୀ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ ପାଇଁ ସମ୍ପୃକ୍ତ ଶିଳ୍ପ ସହଯୋଗୀମାନଙ୍କୁ ନେଇ ଏକ ପଡକାଷ୍ଟ ଅଧିବେଶନ ଶୃଙ୍ଖଳା ପ୍ରସାରିତ କରାଯାଇଥିଲା। ମାନ୍ୟବର କୁଳପତି ମଧ୍ୟ ଏକ ପଡକାଷ୍ଟ ଅଧିବେଶନରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳତା, ନବସୃଜନ ଏବଂ ସମସ୍ୟା-ସମାଧାନ ମନୋଭାବ ସହିତ ଏହି ଆହ୍ୱାନଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।ଦଳ ପଞ୍ଜୀକରଣ ଅଗଷ୍ଟ ୩୧, ୨୦୨୬ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୧, ୨୦୨୬ରେ ଶେଷ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କଠାରୁ ଅଭୂତପୂର୍ବ ସମର୍ଥନ ମିଳିଥିଲା। ପଞ୍ଜୀକରଣ ପ୍ରକ୍ରିୟା ପରେ, ଅଂଶଗ୍ରହଣକାରୀ ଦଳମାନଙ୍କୁ ଆହ୍ୱାନଗୁଡ଼ିକୁ ଭଲ ଭାବରେ ବୁଝିବା, ସେମାନଙ୍କର ସନ୍ଦେହ ଦୂର କରିବା ଏବଂ ପ୍ରତ୍ୟେକ ସମସ୍ୟା ବିବରଣୀ ସହ ଜଡ଼ିତ ଆବଶ୍ୟକତା ଏବଂ ଆଶା ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ହାସଲ କରିବାରେ ସାହାଯ୍ୟ କରିବା ପାଇଁ 'ସମସ୍ୟା ବିବରଣୀ-ଭିତିକ ଜ୍ଞାନ ଆଦାନ-ପ୍ରଦାନ ଅଧିବେଶନ' ଆୟୋଜିତ ହୋଇଥିଲା। ଚଳିତ ବର୍ଷ, ହାକାଥନ୍‌ରେ ସାତଟି ଶିଳ୍ପ ସହଯୋଗୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧୦ଟି ବାସ୍ତବ-ଜଗତର ସମସ୍ୟା ବିବରଣୀ ପ୍ରଦାନ କରାଯାଇଛି। ଶିଳ୍ପ ସହଯୋଗୀମାନଙ୍କ ମଧ୍ୟରେ ଆର୍ଡୁଇନୋ, କଗ୍ନିଜାଟଂ, ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଙକଉଖ), ସଫ୍ଟୱେୟାର ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ (ଝଞଚଓ), ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ୍ (ଗରଓଖ), ରୁମାନ ଟେକ୍ନୋଲୋଜିସ୍ ଏବଂ ଫ୍ରେଟବକ୍ସ। ବେଦାଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ୱୁବୁଲ୍ ସଫ୍ଟୱେୟାର ପ୍ରା. ଲି. ଏହି କାର୍ଯ୍ୟକ୍ରମକୁ ବୈଷୟିକ ସହଯୋଗୀ ଭାବରେ ସମର୍ଥନ କରୁଛନ୍ତି। ମଧ୍ୟ-ସ୍ତରୀୟ ଆଂଚଳିକ ମୂଲ୍ୟାୟନ ଦୁଇଟି ଜୋନ୍—ଭୁବନେଶ୍ୱର ଏବଂ ରାଉରକେଲାର ୧୧ଟି ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଜୋନ୍ ?ରେ ନଅଟି ଅନୁଷ୍ଠାନ ମୂଲ୍ୟାୟନ ଆୟୋଜନ କରିବେ: ବେଦାଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (୫୧ ଟିମ୍), ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସଲେଟଂ ଟେକ୍ନୋକ୍ରାଟ୍ସ (୭୧ ଟିମ୍), ଗିଫ୍ଟ ଅଟୋନୋମସ୍, ଭୁବନେଶ୍ୱର (୬୦ ଟିମ୍), ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ (୨୨ ଟିମ୍), ଗୀତା ଅଟୋନୋମସ୍ କଲେଜ, ଭୁବନେଶ୍ୱର (୭୫ ଟିମ୍), ରିଜିଓନାଲ୍ କଲେଜ୍ ଅଫ୍ ମ୍ୟାନେଜମେଂଟ (୧୧୭ ଟିମ୍), ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଫର୍ ଏଜୁକେସନ୍ ଆଣ୍ଡ ଟେକ୍ନୋଲୋଜି (୫୯ ଟିମ୍), ରାଜଧାନୀ ଇଞ୍ଜିନିୟରିଂ କଲେଜ (୮୩ ଟିମ୍), ଏବଂ ଗାନ୍ଧୀ ଇଞ୍ଜିନିୟରିଂ କଲେଜ (ଏରଉ ଅଟୋନୋମସ୍), ଭୁବନେଶ୍ୱର (୮୧ ଟିମ୍)। ରାଉରକେଲା ଜୋନ୍ ?ରେ ସେ[ର ଫର୍ ୟୁଜି ଆଣ୍ଡ ପିଜି ଷ୍ଟଡିଜ୍, ବିପିୟୁଟି, ଓଡ଼ିଶା (୩୬ ଟିମ୍) ଏବଂ ରାଉରକେଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ଷ୍ଟଡିଜ୍ (୪୬ ଟିମ୍) ଦ୍ୱାରା ମୂଲ୍ୟାୟନ ଆୟୋଜନ କରାଯିବ। ମଧ୍ୟ-ସ୍ତରୀୟ ଆଂଚଳିକ ମୂଲ୍ୟାୟନ ଭୁବନେଶ୍ୱର ଜୋନ୍‌ରେ ଅକ୍ଟୋବର ୧୦ ଓ ୧୧, ୨୦୨୬ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଏବଂ ଏହା ପରେ ରାଉରକେଲା ଜୋନ୍‌ରେ ଅକ୍ଟୋବର ୧୩, ୨୦୨୬ରେ ଅନୁଷ୍ଠିତ ହେବ।

# ମହାରାଜା ଅଗ୍ରସେନ ଜୟନ୍ତୀରେ ରାଜସ୍ଥାନୀ ଓ ହରିୟାଣବୀ ଗୀତର ତାଳେ ତାଳେ ଝୁମିଲେ ଦର୍ଶକ



ରାଉରକେଲା,୯/୧୦(ନି/ପ୍ର): ମହାରାଜା ଅଗ୍ରସେନ ସେବା ସଂଘ, ରାଉରକେଲା ଆନୁକୂଲ୍ୟରେ ଆୟୋଜିତ ୫୧୮୦ତମ ଭଗବାନ ଅଗ୍ରସେନ ଜୟନ୍ତୀ ସମାରୋହ ୨୦୨୬ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବେଶ୍ ଉତ୍ସାହର ସହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ମହୋତ୍ସବର ପଂଚମ ଦିନ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଅଗ୍ରସେନ ଭବନ ପରିସରରେ ଏକ ଭବ୍ୟ 'ବଲିଉଡ୍ ନାଇଟ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅତିଥି ଓ ସମାଜର ଗଣ୍ୟମାନ୍ୟ ବ୍ୟକ୍ତିବୃନ୍ଦ ମହାରାଜା ଅଗ୍ରସେନଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ବିଧିବଦ୍ଧ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ଭାବେ ଉତ୍ତର ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ (ରାଉରକେଲା ଶାଖା)ର ସଭାପତି ସତୀଶ ଅଜମେରା, ମାରୱାଡ଼ି ଯୁବା ମଂଚ ରାଉରକେଲାର ସଭାପତି ଗୌରବ ଅଗ୍ରୱାଲ, ଏବଂ ମାରୱାଡ଼ି ଯୁବା ମଂଚ ସିଟି ଶାଖାର ସଭାପତି ରବୀଶ ଜିନ୍ଦଲ ଯୋଗଦେଇଥିଲେ। ଆୟୋଜକ କମିଟି ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆୟୋଜନକୁ ସଫଳ କରିବାରେ ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ପୂରଣମଲ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ଅଶୋକ ଅଗ୍ରୱାଲ (ବାରସୁଆ), ଉପସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ରଷି ଆର୍ଯ୍ୟ, ସମ୍ପାଦକ ଶୈଳେନ୍ଦ୍ର ମାରୋଠିଆ, ସହ-ସମ୍ପାଦକ ଦେବେନ୍ଦ୍ର ଗୁପ୍ତା, ଏବଂ ସହ-ସମ୍ପାଦକ ତଥା ସହ-ସଂଯୋଜକ ବବଲ ଗୋୟଲଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଏହି ଅବସରରେ ପୂର୍ବତନ ସଭାପତି ବ୍ରଜମୋହନ ଅଗ୍ରୱାଲ, ହରିଓମ୍ ବଂଶଲ, ଓମ୍‌ପ୍ରକାଶ ବାପୋଡିଆ, ସୁରେଶ କେଜ୍ରିୱାଲ, ଟ୍ରଷ୍ଟି ଅଶୋକ ଅଗ୍ରୱାଲ (ରୋମକୋ), ମହେଶ ଅଗ୍ରୱାଲ, ମୂଳଚାନ୍ଦ ଜୀ ବାଲୋଦିଆ, କେଦାର କେଡିଆ, ସୀତାରାମ ବରେଲିଆ, ସଞ୍ଜୟ ଖେମକାଙ୍କ ସମେତ ସଂଘର ବହୁ ବରିଷ୍ଠ ପଦାଧିକାରୀ ଓ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। 'ବଲିଉଡ୍ ନାଇଟ୍'ର ଏହି ବିଶେଷ କାର୍ଯ୍ୟକ୍ରମରେ ହରିୟାଣାରୁ ଆସିଥିବା ସୁପ୍ରସିଦ୍ଧ ଗାୟିକା ??? ଅଭିନେତ୍ରୀ ରେଣୁକା ପନୱାର ଓ ତାଙ୍କ ଟିମ୍ ଏକରୁ ବଳି ଆରୋପିତ ହରିୟାଣବୀ ଏବଂ ରାଜସ୍ଥାନୀ ଗୀତ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଲୋକମାନେ ଝୁମିବାକୁ ଲାଗିଥିଲେ। ଅଗ୍ରସେନ ଭବନ ପରିସରରେ ଏହି ସମୟରେ ଅଗ୍ର ସମାଜର ପ୍ରଚୁର ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ଭିଡ଼ ଜମିଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଲୋକମାନେ ଭୂୟସୀ ପ୍ରଶଂସା କରିବା ସହ ଗାୟିକା ରେଣୁକା ପନୱାରଙ୍କ ସଙ୍ଗୀତ ପୁରା ମାହୋଲକୁ ଆନନ୍ଦମୟ କରିଦେଇଥିଲା।

# ତଣ୍ଡାପାଲ୍ଲୀ ଗ୍ରାମ ପଂଚାୟତ ଏମଭି ୬ ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଅନୁଷ୍ଠିତ

ମାଲକାନଗିରି,୯/୧୦(ନି/ପ୍ର): ମାଲକାନଗିରି ସଦର ବ୍ଲକ ତଣ୍ଡାପାଲ୍ଲୀ ଗ୍ରାମ ପଂଚାୟତ ଅନ୍ତର୍ଗତ ଏମ୍.ଭି. ୬ ରାମଗୁଡା ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଅନୁଷ୍ଠିତ ହୋଇଯାଇଛି । ଆଜିର ଖେଳରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ବିଜେଡି ଜିଲ୍ଲା ସଭାପତି ପୂର୍ବତନ ବିଧାୟକ, ଜନଜାତି ସେଲ୍ ରାଜ୍ୟ ଉପ ସଭାପତି ତଥା ବରିଷ୍ଠ ମୁଖପାତ୍ର ମାନସ ମାଡକାମୀ ଯୋଗଦେଇ ଆଜିର୍ କ୍ୱାର୍ଟର ଫାଇନାଲରେ ପ୍ରତିଯୋଗିତା କରୁଥିବା ଟିମ୍ ମାନଙ୍କ ମଧ୍ୟରେ କେ ବି ପି ୟୁଥ୍ କ୍ଲବ ତଳ ସାହି ଏଫ୍ ସି ଟିମ୍, ଜୟଶ୍ରୀ ଗଣେଶ ଏଫ୍ ସି ଟିମ୍, ଶକ୍ତି ଏଫ୍ ସି ଟିମ୍ , କେଡ଼ରୁଗୁଡା ଏଫ୍ ସି ଟିମ୍, ରାୟାଲ ଟାଇଗେର୍ କେ ଏମ୍ ଡି ଟିମ୍ ଏବଂ ମାରଙ୍ଗବୁରୁ ଟିମ୍ ର ସମସ୍ତ ଖେଳାଳୀଙ୍କୁ ହାତ ମିଳେଇ ଉତ୍ସାହିତ କରି ଆଜିର ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଶୁଭାରମ୍ଭ କରିଛନ୍ତି । ଆଜିର କ୍ୱାର୍ଟର ଫାଇନାଲରେ ପ୍ରତିଯୋଗିତା କରୁଥିବା ଟିମ୍ ମାନଙ୍କ ମଧ୍ୟରେ ବହୁ ସଂଘର୍ଷପୂର୍ଣ୍ଣ ଓ ରୋମାଂଚକ ଖେଳ ହୋଇଥିବା ବେଳେ ରୟାଲ୍ ଟାଇଗର୍ (କେ ଏମ୍ ଡି ) ଟିମ୍ ବିଜୟ ଲାଭ କରି ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଏମ୍ ଭି ୬ ରାମଗୁଡା ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳରେ ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସଲା, ବିଜେଡି ଜିଲ୍ଲା ସମ୍ପାଦକ ସଦାନନ୍ଦ ଖରା, ଯୁବ ନେତା ଜୟନ୍ତ ଗିଲ୍, ପଲ୍ଲିମଙ୍ଗଳ କମିଟି ସଭାପତି ସୁବୋଧ ମୁଣ୍ଡା, ପଲ୍ଲୀ ମଙ୍ଗଳ କମିଟି ବିଶ୍ୱନାଥ କୀର୍ତନିୟା, ୱାର୍ଡସଭ୍ୟା ଶ୍ରୀମତୀ ସଖୀ ମୁଣ୍ଡା ପ୍ରମୁଖଙ୍କ ସହ ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳର ମୁଖ୍ୟ ରେଫରି ଶଙ୍କର କ୍ଷେତି ଏବଂ ତିନି ହଜାରରୁ ଉର୍ଦ୍ଧ୍ୱ ଖେଳପ୍ରେମୀ ଉପସ୍ଥିତ ଥିଲେ ।

# ମୀନା ମଣ୍ଡଳୀ ପକ୍ଷରୁ ଗୋପବନ୍ଧୁ ଦାସଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ



ରାଉରକେଲା,୯/୧୦(ନି/ପ୍ର):ଆଜି ସେକ୍ଟର-୭ ସ୍ଥିତ ଥାନା ନିକଟରେ ସ୍ଥାପିତ ପୂଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତି ଅବସରରେ ତାଙ୍କରି ପ୍ରତିମୂର୍ତୀରେ ଭକ୍ତିପୁତ ଶ୍ରଦ୍ଧାଂଜଳୀ ଅର୍ପଣ କରାଯାଇଛି। ଜିଲ୍ଲାର ସର୍ବପୁରାତନ ସାମାଜିକ, ସାଂସ୍କୃତିକ ଓ କ୍ରୀଡା ଅନୁଷ୍ଠାନ ଭାବେ ପରିଚିତ ମୀନା ମଣ୍ଡଳୀର ସାଧାରଣ ସଂପାଦକ ପ୍ରବୀଣ କୁମାର ପ୍ରଧାନଙ୍କ ତ୍ୱତାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରସନ୍ନ କୁମାର ତ୍ରିପାଠୀ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଂଗଠକ ପ୍ରମୋଦ କୁମାର ବୋଇତି,ଶ୍ରମିକ ନେତା ସତ୍ୟାନନ୍ଦ ବେହେରା, ସମାଜସେବୀ ନିଲୁ ବାରିକ,ପ୍ରଶାନ୍ତ କୁମାର ଦତ ପ୍ରମୁଖ ଉପସ୍ଥିତ ରହି ପୂଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଯେ ବିଗତ ଅନେକ ବର୍ଷ ହେଲା ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ।

# ଆରଏସପିର ପାଇପ୍ ପ୍ଲାଂଟସ ଦ୍ୱାରା ଉତ୍ପାଦନରେ ବିଗତ ବର୍ଷ ତୁଳନାରେ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ଷଡ଼ମାସ (ଏଚ -୧) ରେ ପ୍ରାୟ ୧୯ ପ୍ରତିଶତ ଅଭିବୃଦ୍ଧି ହାସଲ



ରାଉରକେଲା,୯/୧୦(ନି/ପ୍ର): ସେଲ୍ ଅଧୀନସ୍ଥ ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି ) ର ପାଇପ୍ ପ୍ଲାଂଟସ (ଇ.ଆର.ଡବ୍ଲ୍ୟୁ ଏବଂ ଏସ.ଡ଼ବ୍ଲୁ) ଗତ ବର୍ଷର ସମାନ ଅବଧି ତୁଳନାରେ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ଷଡ଼ମାସରେ ଉତ୍ପାଦନ ଏବଂ ଚାଲାଣ ଉଭୟ କ୍ଷେତ୍ରରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଏକ ଦୃଢ଼ ପ୍ରଦର୍ଶନ ଲିପିବଦ୍ଧ କରିଛି। ଏହି ସଫଳତା ବଜାରରେ ନିଜର ସ୍ଥିତି ଏବଂ ଗ୍ରାହକ ସନ୍ତୁଷ୍ଟିକୁ ବଜାୟ ରଖିବା ସହିତ ମୂଲ୍ୟବର୍ଦ୍ଧିତ ଏବଂ ସ୍ୱତନ୍ତ୍ର ପାଇପ୍ ଉତ୍ପାଦର ଉତ୍ପାଦନ ବୃଦ୍ଧି କରିବାର କାରଖାନାର ସାମର୍ଥ୍ୟକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ଷଡ଼ମାସ (ଏଚ -୧) ମଧ୍ୟରେ, ପାଇପ୍ ପ୍ଲାଂଟସ ୪୧,୩୩୪ ଟନ୍ ଉତ୍ପାଦନ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୩୪,୭୭୨ ଟନ୍ ଥିଲା, ଯାହା ପ୍ରାୟ ୧୯ ପ୍ରତିଶତ ର ଅଭିବୃଦ୍ଧି ଦର୍ଶାଉଛି। ସେହିପରି ଚାଲାଣ ମଧ୍ୟ ଗତ ବର୍ଷର ପ୍ରଥମ ଷଡ଼ମାସର ୩୨,୫୩୧ ଟନ୍ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୩୯,୯୦୫ ଟନ୍‌ରେ ପହଂଚିଛି, ଯାହା ପ୍ରାୟ ୨୩ ପ୍ରତିଶତ ର ଅଭିବୃଦ୍ଧି ପଞ୍ଜିକୃତ କରିଛି। ଇଆରଡବ୍ଲ୍ୟୁ ପାଇପ୍ ପ୍ଲାଂଟ ଉତ୍ପାଦନରେ ୩୮.୨ ପ୍ରତିଶତ ଏବଂ ଚାଲାଣ ରେ ୪୨.୩ ପ୍ରତିଶତ ର ଅସାଧାରଣ ଅଭିବୃଦ୍ଧି ସହ ଏହି ସଫଳତାର ନେତୃତ୍ୱ ନେଇଥିବା ବେଳେ ଏସଡବ୍ଲ୍ୟୁ ପାଇପ୍ ପ୍ଲାଂଟ ମଧ୍ୟ ଉତ୍ପାଦନରେ ୦.୬ ପ୍ରତିଶତ ଏବଂ ଚାଲାଣ ରେ ୫ ପ୍ରତିଶତ ର ସକାରାତ୍ମକ ଅଭିବୃଦ୍ଧି ହାସଲ କରିଛି। କେବଳ ସେପ୍ଟେମ୍ବର ମାସରେ, ପାଇପ୍ ପ୍ଲାଂଟସ ପାଖାପାଖି ୧,୧୬୧ ଟନ୍ ପାଇପ୍ ଚାଲାଣ କରି ଯୋଗାଣ ପ୍ରସ୍ତୁତିକୁ ସୁଦୃଢ଼ କରିଛି। ସହଯୋଗୀ ବିଭାଗଗୁଡ଼ିକ, ବିଶେଷ କରି ସେଟ୍ରାଂଲ ମାର୍କେଟିଂ ଅର୍ଗାନାଇଜେସନ (ସି ଏମ ଓ ), ପ୍ରୋଡକ୍ସନ ଆଣ୍ଡ ପ୍ଲାନିଂ କଣ୍ଟ୍ରୋଂଲ (ପି ପି ସି), ହଟ୍ ଷ୍ଟ୍ରିପ୍ ମିଲ୍-୨, ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଂଲ ଲାବ୍ ଏବଂ ଟି ଆଣ୍ଡ ଆର.ଏମ ବିଭାଗର ନିବିଡ଼ ସମନ୍ୱୟ ଯୋଗୁଁ ଏହି ପ୍ରଦର୍ଶନ ସମ୍ଭବ ହୋଇପାରିଛି, ଯାହାଙ୍କ ସହଯୋଗ ଏବଂ ଯୋଗଦାନ ଏହି ଫଳାଫଳ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା। ସୂଚନାଯୋଗ୍ୟ ଯେ, ଆଭିଯାନ୍ତ୍ରିକ, ତୈଳ ଓ ଗ୍ୟାସ୍, ବିଦ୍ୟୁତ୍, ଜଳସେଚନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବହାର ପାଇଁ ଆରଏସପି ର ଉତ୍ପାଦନ ପୋର୍ଟଫୋଲିଓରେ ପାଇପ୍ ଏକ ମୂଲ୍ୟବର୍ଦ୍ଧିତ ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ହୋଇ ରହିଛି। ଉତ୍ପାଦନ କ୍ଷମତାର ବୃଦ୍ଧି ଏବଂ ଉତ୍ପାଦନରେ ନିରନ୍ତର ଅଭିବୃଦ୍ଧି ସହିତ, କାରଖାନା ଉଚ୍ଚ ଗୁଣବତା ଏବଂ ଗ୍ରାହକ ସନ୍ତୁଷ୍ଟି ବଜାୟ ରଖିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଥିବା ବେଳେ ଆରଏସପିର ପାଇପ୍ ଉତ୍ପାଦଗୁଡ଼ିକର ବଜାର ସ୍ଥିତି ସୁଦୃଢ଼ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ଷଡ଼ମାସର ଏହି ପ୍ରଦର୍ଶନ ପାଇପ୍ ପ୍ଲାଂଟସକୁ କ୍ରମାଗତ ବଦଳୁଥିବା ବଜାର ଚାହିଦା ପୂରଣ କରିବା ଏବଂ ବ୍ୟବହାର ଯୋଗ୍ୟ ଇସ୍ପାତ କ୍ଷେତ୍ରରେ ସେଲ୍‌ର ବ୍ୟାପକ ଅଭିବୃଦ୍ଧି ଲକ୍ଷ୍ୟକୁ ସହାୟତା କରିବାରେ ଉନ୍ନମ ଯୋଗଦାନ ଦେଇଛି।